# ରାଷ୍ଟ୍ରପତିଙ୍କ ଗସ୍ତବେଳେ ତରବରିଆ ପକାଯାଇଛି ମାଟି; ଲୋକେ ଅଣନିଃଶ୍ୱାସୀ



**ବିଶୋଇ, ୮।୧୨(ସମିସ):** ୪୯ ନଂ ଜାତୀୟ ରାଜପଥର ମରାମତି ନାମରେ ରାସ୍ତା ଉପରେ ମାଟି ପକାଇବାକୁ ନେଇ ଏବେ ଜନଅସନ୍ତୋଷ ଦେଖାଯାଇଛି। ରାଜପଥର ଖାଲୁଆ ସ୍ଥାନରେ ମାଟି ପକାଇବା ଦ୍ୱାରା ରାସ୍ତା ଧୂଳିର ଆସ୍ତରଣ କାରଣରୁ ପଥଚାରୀଙ୍କୁ ଅଣନିଶ୍ୱାସୀ ହେବାକୁ ପଡୁଛି। ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳରେ ମଧ୍ୟ ଅନୁରୂପ ଭାବେ ମାଟି ପକାଇବା ଯୋଗୁଁ ସାଧାରଣ ଧନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଦୁଇ ଦିନ ଧରି ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଓ ବାଙ୍ଗିରିପୋଷି ଗସ୍ତରେ ଥିଲେ। ଏହି ୨ ଅଞ୍ଚଳକୁ ସଡ଼କପଥ ସଂଯୋଗ ପାଇଁ ୪୯ ନଂ ଜାତୀୟ ରାଜପଥ ମୁଖ୍ୟ ମାଧ୍ୟମ ରହିଥିବାବେଳେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ଯାତାୟାତ ସୁଗୋମ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ୪୯ ନଂ ଜାତୀୟ ରାଜପଥର ମରାମତି କାମ କରାଯାଇଥିଲା। ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ସଂସ୍ଥା ଦିନରାତି ଏକ କରିଦେଇ ଦୀର୍ଘ ଦିନରୁ ଖରାପ ହୋଇ ପଡ଼ିଥିବା ବିଶୋଇ ଅଞ୍ଚଳର ନୂଆଗାଁ, ଡାକଚଟି ରାସ୍ତାରେ ମାଟି ପକାଇଥିଲେ। ଅଧପନ୍ତରିଆ ହୋଇ ପଡ଼ିରହିଥିବା ଜନଗହଳିପୂର୍ଣ୍ଣ ବିଶୋଇ ବ୍ଲକ ଛକରେ ମଧ୍ୟ ମାଟି ପକାଯାଇ ଅସ୍ଥାୟୀ ଭାବରେ ରାସ୍ତାକୁ ସମତଳ କରାଯାଇଥିଲା। ଏହି ରାସ୍ତାରେ ବର୍ତ୍ତମାନ ଯାନବାହନ ଚଳାଚଳ କରିବା ଦ୍ୱାରା ସବୁ ସମୟରେ ରାସ୍ତା ଧୂଳିମୟ ହୋଇ ରହୁଛି। ବିଶୋଇ ବ୍ଲକ ଛକ କଡ଼ରେ ବହୁ ଦୋକାନ ବଜାର ରହିଥିବା ବେଳେ ୬ ଗୋଟି ବିଦ୍ୟାଳୟ ଓ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, କୋଷାଗାର କାର୍ଯ୍ୟାଳୟ ଅଛି। ରାସ୍ତାର ଏପରି ଅବସ୍ଥା ଯୋଗୁଁ ଲୋକଙ୍କୁ ଧୂଳିରେ ଅଣନିଶ୍ୱାସୀ ହେବାକୁ ପଡୁଛି। ରାସ୍ତା ମଧ୍ୟ ଭଲ ଦିଶୁନାହିଁ। ଫଳରେ ଆଗାମୀ ଦିନରେ ସଡ଼କ ଦୁର୍ଘଟଣା ଘଟିବାର ଆଶଙ୍କା ଲାଗି ରହୁଛି। ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ରାସ୍ତାରେ ପିଚୁ ଦେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସ୍ପୋର୍ଟସ କରାଟେ ଏକାଡେମୀର ସ୍ୱର୍ଣ୍ଣବିଜେତାଙ୍କୁ ସମ୍ବର୍ଦ୍ଧନା



**କରଞ୍ଜିଆ, ୮।୧୨(ସମିସ):** ସ୍ପୋର୍ଟସ କରାଟେ ଏକାଡେମୀର ସ୍ୱର୍ଣ୍ଣବିଜେତା ପ୍ରତିଯୋଗୀଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଶିକ୍ଷକ ଆଶିଷ ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ସମାଜସେବୀ ଗିରିଧାରୀ ପୃଷ୍ଟି, କରଞ୍ଜିଆ ଏନଏସିର ପୂର୍ବତନ ନଗରପାଳ ଭୁବନ ବିହାରୀ ସାହୁ, ଓକିଲ ସଂଘ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା, ବରିଷ୍ଠ କ୍ରୀଡ଼ାବିତ ଗୌରୀଶଙ୍କର ସିନା, ମାରୱାଡ଼ି ଯୁବମଞ୍ଚର ପ୍ରାକ୍ତନ ସଭାପତି ସୁଧୀର ଭାରୁକା, ଲକ୍ଷ୍ମୀକାନ୍ତ ରାମ, ପ୍ରଦୀପ ବର୍ମା ଓ ଅଭିଷେକ ଅଗ୍ରୱାଲ ଜାତୀୟ ସ୍ତର କରାଟେ ପ୍ରତିଯୋଗିତାକୁ ମନୋନୀତ ହୋଇଥିବା କରଞ୍ଜିଆର ଅନୁଷ୍କା ନାଏକ, ନୀତିନ ମହାନ୍ତ ଓ ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଶିଷ ରଞ୍ଜନ ମହାନ୍ତ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, କରଞ୍ଜିଆର ସ୍ପୋର୍ଟସ କରାଟେ ଏକାଡେମୀ ଓଡ଼ିଶାରେ ପଞ୍ଚମ ସ୍ଥାନ ଅଧିକାର କରିଥିବା ବେଳେ ଏହି ତିନି ସ୍ୱର୍ଣ୍ଣବିଜେତା ପ୍ରତିଯୋଗୀ ଓଡ଼ିଶାକୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିବେ।

# ସଂକୁଳସ୍ତରୀୟ କେନ୍ଦ୍ରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

**ବାରିପଦା, ୮।୧୨ (ସମିସ):** ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପ୍ରାଥମିକ ବିଭାଗ ପିଲାମାନଙ୍କ ପାଇଁ ସଂକୁଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସଂକୁଳ ଅଧୀନରେ ଥିବା ୯ଟି ବିଦ୍ୟାଳୟ ଯଥା କେନ୍ଦ୍ରୀୟ ବିଦ୍ୟାଳୟ ବାଲେଶ୍ୱର ୧ ଓ ୨, ଭଦ୍ରକ, ଯାଜପୁର, କେନ୍ଦୁଝର, ଆନନ୍ଦପୁର, ରାଇରଙ୍ଗପୁର ଓ ବାରିପଦାର ୧ ଓ ୨ ବିଦ୍ୟାଳୟର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆୟୋଜକ ବିଦ୍ୟାଳୟର ପ୍ରାଚାର୍ଯ୍ୟ ଏଲଡିଏସ ଯାଦବ ଏହାକୁ ଉଦଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟଅତିଥି, ୨୫ ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଚୂଡ଼ାନ୍ତ ପ୍ରତିଯୋଗିତା (ବାଳକ କବାଡ଼ି) ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟ ନଂ ୧ ଏବଂ କେନ୍ଦୁଝର କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଆଗାମୀ ବର୍ଷରେ ବାରିପଦା ଲକ୍ଷ୍ମୀପୋଷିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଓପନ ଜିମ ଖୋଲିବା ନିମନ୍ତେ ମୁଖ୍ୟଅତିଥି ଶ୍ରୀ ମହାନ୍ତି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ନଂ ୧ କେନ୍ଦ୍ରୀୟ ବିଦ୍ୟାଳୟ ଚାମ୍ପିଅନ ଏବଂ ରାଇରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲେ।



# କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ସୁବର୍ଣ୍ଣଜୟନ୍ତୀ ପାଳିତ



**ବେତନଟୀ/ବୈଶିଙ୍ଗା, ୮।୧୨(ସମିସ):** ବେତନଟୀ ବ୍ଲକ ପୁରାତନ ପାଟଳୀପୁରା ଉଚ୍ଚବିଦ୍ୟାଳୟ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନର ଦୁଇଦିନିଆ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ପୂର୍ବତନ ଛାତ୍ରଛାତ୍ରୀଗଣ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପଚାଶ ବର୍ଷ ଇତିହାସ ସହ ଜଡ଼ିତ ପ୍ରତିଷ୍ଠାତା, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ଗହଣରେ ପ୍ରଥମ ଦିବସରେ ମୁଖ୍ୟଅତିଥି ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ସିଂହଦେଓଙ୍କ କରକମଳରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ପଦ୍ମନାଭ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଓ ପତ୍ନୀ ମିନତୀ ଦାଶଙ୍କୁ ସମ୍ମାନିତ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୧ମ ଅଧିବେଶନରେ ରାଣୀ ସାହେବା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଥିଲେ ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ପଣ୍ଡିତ ଭାଗବତ ପଣ୍ଡା। ସମ୍ମାନିତ ଅତିଥି ଭାବେ ଡ. ସତ୍ୟବ୍ରତ ତ୍ରିପାଠୀ, ପୂର୍ବତନ ପ୍ରଧାନଶିକ୍ଷକ ଶଶଧର ବାରିକ, ସରପଞ୍ଚ ମିନତୀ ନାଏକ ଓ ପ୍ରତିଷ୍ଠାତାଙ୍କ ପତ୍ନୀ ମିନତୀ ଦାଶ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଇତିହାସ ସମ୍ମିଳିତ ମୁଖପତ୍ର 'ସମ୍ଭାର' ଉଦଘାଟନ ସହ ପୂର୍ବତନ ପ୍ରତିଷ୍ଠାତା, ଜମିଦାତା, ଆର୍ଥିକ ସାହାଯ୍ୟଦାତା ଓ ବର୍ତ୍ତମାନର ପରିଚାଳନା ସମିତିର କର୍ମକର୍ତ୍ତାଗଣଙ୍କୁ ସମ୍ମାନିତ କରାଯାଇଛି। ପୂର୍ବତନ ଛାତ୍ର ପର୍ଶୁରାମ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶରତଚନ୍ଦ୍ର ଲେଙ୍କା ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ ପୂର୍ବତନ ଛାତ୍ର ରଘୁନାଥ ଜେନା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡ. ରମାକାନ୍ତ ମହାନ୍ତ। ମୁଖ୍ୟଅତିଥି ରୂପେ ବେତନଟୀ ତହସିଲଦାର ସୁରଥ ଚନ୍ଦ୍ରରାଉତଙ୍କ ସହ ପ୍ରଧାନଶିକ୍ଷକ ସତ୍ୟରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକଗଣ ଶଶଧର ବାରିକ, ଭାଗବତ ପଣ୍ଡା, ବାବାଜୀ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖପତ୍ର ସମ୍ପାଦକ ପର୍ଶୁରାମ ସାହୁ ବିଦ୍ୟାଳୟର ୫୦ ବର୍ଷର ବିବରଣୀ ପାଠ କରିଥିଲେ। ଉଭୟ ଅଧିବେଶନରେ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ନୃତ୍ୟଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟ ପରିସରରେ ବିଜ୍ଞାନମେଳା ତଥା ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ନିକଟସ୍ଥ ଗ୍ରାମବାସୀ, ଜନସାଧାରଣ ବହୁସଂଖ୍ୟାରେ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ଦୁଇ ଶିକାରୀ ଗିରଫ: ସମ୍ବର ମାଂସ ଜବତ

## ଧନୁତୀର, କୁରାଢ଼ି ଜବତ

**ମହୁଲଡିହା/ଠାକୁରମୁଣ୍ଡା, ୮।୧୨ (ସମିସ):** ବାରହା ଶିକାର କରି ଫେରୁଥିବା ୨ ଆସାମୀଙ୍କୁ ବନ ବିଭାଗ ଗିରଫ କରିଛି। ୭ ତରିଖ ରାତି ପ୍ରାୟ ୯ଟାରେ ଦୁଇ ଅଭିଯୁକ୍ତ ସନାତନ ବାଘେଲ (୧୮) ଏବଂ ଟୁରି ହେମ୍ବ୍ରମ (୨୫)କୁ ବନ ବିଭାଗ କର୍ମଚାରୀ କାବ କରି ନେଇଥିଲେ। ଏନେଇ ତଦନ୍ତ କରିବାରୁ ସେମାନଙ୍କଠାରୁ ୬୦୦ ଗ୍ରାମର ଶୁଖିଲା ମାଂସ ଜବତ କରାଯାଇଛି। ଏହାସହ କୁରାଢ଼ି ଓ ଧନୁତୀରକୁ ବନ ବିଭାଗ ଅଭିଯୁକ୍ତଙ୍କଠାରୁ ଜବତ କରିଛି। ଅଭିଯୁକ୍ତଦ୍ୱୟ କେଶଡିହା କଦଳୀଭାଡ଼ି ଗ୍ରାମର ଏବଂ ସେମାନଙ୍କୁ ହାତୀଗୋଡ଼ା ପଞ୍ଚାୟତ ରାଣୀଭୋଳ ଜଙ୍ଗଲ ନିକଟରେ ବନ କର୍ମଚାରୀ ଗିରଫ କରି ଏକ ମାମଲା ରୁଜୁକରି ବାରିପଦା ସିଜିଏମ କୋର୍ଟରେ ହାଜର କରାଇଥିବା ଜଣାପଡ଼ିଛି। ଅନ୍ୟପଟେ, ବନ ବିଭାଗ ସୂଚନା ଅନୁସାରେ, କିଛି ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏନେଇ ବନ ବିଭାଗ ଅନୁସନ୍ଧାନ ଜାରି ରଖିଛି। ଚଢ଼ଉ ଦଳରେ ଠାକୁରମୁଣ୍ଡା ରେଞ୍ଜର କିଶୋର ପାଣିଗ୍ରାହୀ, ବନପାଳ ବିଦ୍ୟାଧର ମହାନ୍ତ, ପ୍ରମୋଦ ମହାନ୍ତ ସମେତ ଠାକୁରମୁଣ୍ଡାର ବନ କର୍ମଚାରୀ ସାମିଲ ଥିଲେ।

# ରାଜ୍ୟ ପୁସ୍ତକ ମହୋତ୍ସବରେ ସାନ୍ତାଳୀ ଷ୍ଟଲ୍



**ବାରିପଦା, ୮।୧୨(ସମିସ):** ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦର୍ଶନୀ ପଡ଼ିଆଠାରେ ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ-୨୦୨୪ ଗତକାଲି ଉଦଘାଟିତ ହୋଇଯାଇଛି। ଏହି ପୁସ୍ତକ ମହୋତ୍ସବରେ ସାନ୍ତାଳୀ ସାହିତ୍ୟ ଆଖଡ଼ା ଅଂଶଗ୍ରହଣ କରି ଏକ ଷ୍ଟଲ ଖୋଲା ଯାଇଛି। ଉକ୍ତ ସାନ୍ତାଳୀ ଷ୍ଟଲକୁ ପୂର୍ବତନ ଆଇଆରଏସ. ଅଧିକାରୀ ଉଦୟନାଥ ମାଝୀ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଉଦଘାଟନ କରିଥିଲେ। ଏଥିରେ ସାନ୍ତାଳ ଇଂଜିନିୟର କଲ୍ୟାଣ ସଂଘ ସଭାପତି ଇଂ ସୋମନାଥ ହାଁସଦା, ଆଦିମ ଅୱାର ଜାରପାର ସଭାପତି କାରୁ ମୁର୍ମୁ, ଲେଖକ ରାମ୍ବାଇ ହେମ୍ବ୍ରମ୍, ମାଙ୍ଗାତ ମୁର୍ମୁ, କାଳୀଚରଣ ହାଁସଦା, ଶଙ୍କର ମୁର୍ମୁ, ଲକ୍ଷ୍ମୀ ମୁର୍ମୁ, ସାନ୍ତାଳୀ ସାଓଁହେଦ ଆଖଡା ସଭାପତି ମାଳତୀ ମୁର୍ମୁ, ସମ୍ପାଦକ କୈଳାସଚନ୍ଦ୍ର ବାସ୍କେ, ଉପସଭାପତି ସୁପ୍ରଭା କିସ୍କୁ, ଗାୟତ୍ରୀ ମାଝୀ ଓ ସୁରୁକୁନୀ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାନ୍ତାଳୀ ଷ୍ଟଲରେ ସାନ୍ତାଳୀ (ଅଲଚିକି) ଭାଷାର ସିଲାବସ ସହିତ ସାନ୍ତାଳୀ ପତ୍ର ପତ୍ରିକା ଆଦି ଉପଲବ୍ଧ ହେଉଛି।

# ବାଣୀତୀର୍ଥ ଗୁରୁକୁଳର ଅଭିଭାବକ ବୈଠକ



**କରଞ୍ଜିଆ, ୮।୧୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବାଣୀତୀର୍ଥ କରଞ୍ଜିଆର ଗୁରୁକୁଳର ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଡମ୍ବରୁଧର ମହାନ୍ତ ଓ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଈଶ୍ୱର ମହାନ୍ତ ଓ କୋଷାଧ୍ୟକ୍ଷ କୈଳାଶ ମୁଦୁଲି ଯୋଗଦାନ କରିଥିଲେ। ଗୁରୁକୁଳର ଶୈକ୍ଷିକ ପ୍ରମୁଖ ଭରତଚନ୍ଦ୍ର ମହାନ୍ତ ଗୁରୁକୁଳର ବୃତ୍ତ କଥନ ଓ ଗୁରୁକୁଳ ସୁପରିଚାଳକ ଶିଶିର କୁମାର ଗୁଲିଆର ବଜେଟ ଉପସ୍ଥାପନା କରିଥିଲେ। ମୋଟ ୧୩୬ ଜଣ ଅଭିଭାବକ-ଅଭିଭାବିକା ଯୋଗଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍ଯାପିତ



**ମହୁଲଡିହା, ୮।୧୨(ସମିସ):** କେନ୍ଦୁଜିଆଣି ଆବାସିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଗତ ୬ ତାରିଖରେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଥିଲା। ବାବା ଅଟଳେଶ୍ୱର ମହାଦେବଙ୍କଠାରୁ ମଶାଲ ଅଣାଯାଇ ବେଦ ମନ୍ତ୍ର ଦ୍ୱାରା ଘୋଷର ତାଳେ ତାଳେ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କେନ୍ଦୁଜିଆଣୀ ରାଜସ୍ୱ ନିରୀକ୍ଷକ ଅଭିମନ୍ୟୁ ବାରିକ, ସମ୍ମାନିତ ଅତିଥି ଭାବେ ସୁନାରିପୋଷି ଶିଶୁ ମନ୍ଦିରର ସମ୍ପାଦକ ଦିଲ୍ଲୀପ ବାରିକ, ଜଡ଼ିବିଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଅନୁପମା ମହାନ୍ତ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଶିଶୁ, ବାଲ ଓ କିଶୋର (୩ଟି) ବିଭାଗରେ ପ୍ରାୟ ୩୬୯ ଜଣ ଶିଶୁ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ପ୍ରାୟ ୮୦ ଭାଗ ଖେଳ ସମାପ୍ତ ହୋଇଥିଲା। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜଡିବିଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତ ଯୋଗଦେଇ ନିଷ୍ଠା, ଧୈର୍ଯ୍ୟ ଓ ସାଧନା ବଳରେ ଜଣେ ଅସାଧ୍ୟ ସାଧନ କରି ଶୀର୍ଷ ସୀମାରେ ପହଞ୍ଚିପାରିବ ବୋଲି କହିଥଇଲେ। ମୁଖ୍ୟବକ୍ତା ଭାବେ ପରିଚାଳନା ସମିତିର ସହସମ୍ପାଦକ ସଞ୍ଜୟ ସାହୁ ନିଷ୍ଠା ଓ ସାଧନା ବଳରେ ଶାରୀରିକ, ମାନସିକ ଓ ବୌଦ୍ଧିକର ବିକାଶ ହୋଇଥାଏ ବୋଲି କହିଥିଲେ। ପ୍ରଥମ ସ୍ଥାନ ହାସଲ କରି ଥିବା କିଶୋର ବିଭାଗର ବିକାଶଚନ୍ଦ୍ର ସାୟାଁ, ବାଲ ବିଭାଗର ପାର୍ଥ ସାରଥୀ ମହାନ୍ତ ଏବଂ ଶିଶୁ ବିଭାଗର ଅନିମେଶ ପତି ସଙ୍କୁଳ ସ୍ତରରେ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଚାର୍ଯ୍ୟ ଧର୍ମେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରେଶ ମହାନ୍ତଙ୍କ ଅକାଳ ବିୟୋଗ



**ବୈଶିଙ୍ଗା, ୮।୧୨(ସମିସ):** ଅଁଳା ପଞ୍ଚାୟତ ରାଇକମା ଆଶ୍ରମ ବିଦ୍ୟାଳୟର ପ୍ରାକ୍ତନ ଅନୁଚର ବୀରେଶ ମହାନ୍ତଙ୍କ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲରେ ଗତ ଶନିବାର ଅପରାହ୍ନ ସମୟରେ ୫୬ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପାଖରେ ତାଙ୍କର ପୁଅ ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶ୍ରୀ ମହାନ୍ତ ଦୀର୍ଘ ୩୩ ବର୍ଷ ଧରି ଅନୁଚର ଭାବରେ ରାଇକମା ଆଶ୍ରମ ବିଦ୍ୟାଳୟରେ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଥିଲେ। ସେ ଗତ ୧୬-୦୩-୨୩ରେ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ନିର୍ଦ୍ଦେଶକ୍ରମେ ରେଗୁଲାର୍ ହୋଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କପ୍ତିପଦା, ଉଦଳାରେ ଯୋଗଦାନ ପୂର୍ବକ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ତାଙ୍କ ମର ଶରୀର ରାଇକମା ଗ୍ରାମରେ ପହଞ୍ଚିବା କ୍ଷଣି ଆଶ୍ରମ ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା, କର୍ମଚାରୀମାନେ ଶେଷ ଦର୍ଶନ କରିଥିଲେ। ଆଗାମୀ ସୋମବାର ଦିନ ବିଦ୍ୟାଳୟରେ ଏକ ଶୋକସଭା କରାଯାଇ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯିବ ବୋଲି ପ୍ରଧାନଶିକ୍ଷକ ଜଣାଇଛନ୍ତି।




## ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତା

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଡିଆର୍‌କେ ବିଜୟୀ

**ଉଦଳା, ୮।୧୨(ସମିସ)**



ରତିକାନ୍ତ ସ୍ମାରକୀ ରାଜ୍ୟସ୍ତରୀୟ କ୍ରିକେଟ ପ୍ରତଯୋଗିତା ଉଦଳା ହାଇସ୍କୁଲ କ୍ରିକେଟ ପଡ଼ିଆରେ ଉଦଘାଟିତ ହୋଇଯାଇଛି। ବାରିପଦାର ଡିଆରକେ ଦଳ ଓ ବାଲେଶ୍ୱର ଆଦର୍ଶ କ୍ଲବ ମଧ୍ୟରେ ଆୟୋଜିତ ପ୍ରଥମ ମ୍ୟାଚ୍‌ରେ ଟସ ଜିଣି ଆଦର୍ଶ କ୍ଲବ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୯୦ ରନ କରିଥିଲେ। ଦଳ ପକ୍ଷରୁ ରତନ ମୁର୍ମୁ ୬ଟି ଛକା ସହ ୭୮ ରନ କରିଥିବା ବେଳେ ଡିଆରକେ କ୍ଲବର ଲୋକନାଥ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଇନିଂସ୍‌ରେ ୨୪ ଓଭରରେ ୫ ଉଇକେଟ ହରାଇ ଡିଆର୍‌କେ ୧୯୪ ସଂଗ୍ରହ କରି ନେଇଥିଲେ। ଦଳ ପକ୍ଷରୁ ପ୍ରୀତିପାଲ ସିଂ ୪୫ ଓ ମନୁରାମ ଅପରାଜିତ ୪୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ। ମନୁରାମ ମ୍ୟାନ ଅଫ ଦା ମ୍ୟାଚ ହୋଇଥିଲେ। ଖେଳକୁ ଓସିଏ ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଲଲାଟ କେଶରୀ ନନ୍ଦ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡା. ଭାଗବତ ବେହେରା, ବିଶିଷ୍ଟ ବ୍ୟାଙ୍କର ବିଶ୍ୱଜିତ ନାୟକ, ଋତୁରାଜ ଗାରମେଣ୍ଟର ମୁଖ୍ୟ ମନ୍ମଥ ଦେ ଯୋଗ ଦେଇଥିଲେ। ଉଦଳା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସଭାପତି ପ୍ରଦୀପ ପରିଡ଼ା, ସମ୍ପାଦକ ରାଜୀବ ଭୋଳ, କାଜଲ ବେହେରା, ଚନ୍ଦନ ଦୀକ୍ଷିତ, ଡିକେଏନ୍ସ ବେହେରା, ଅମିତ ବେହେରା, କରୁଣାକର ଦେହୁରୀ ପ୍ରମୁଖ ପରିଚାଳନା କରିଥିଲେ।



## ‘ତ୍ରୁଟିପୂର୍ଣ୍ଣ ଜିଲ୍ଲା ସର୍ଭେ ରିପୋର୍ଟ’ ପାଇଁ ଏନ୍‌ଜିଟି କଟକଣା

# ବନ୍ଦ ପଡ଼ିଛି ସମସ୍ତ ସଇରାତ

ବାରିପଦା, ୮।୧୨(ସମିସ)



ଲଘୁଖଣିଜ ଦ୍ରବ୍ୟର ପରିଚାଳନା ପାଇଁ ଜିଲ୍ଲା ସର୍ଭେ ରିପୋର୍ଟ (ଡିଏସଆର୍‌)କୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ମୟୂରଭଞ୍ଜ ଜିଲ୍ଲାରେ ଖଣିଜ ଦ୍ରବ୍ୟ ଉତ୍ତୋଳନ ଓ ପରିଚାଳନା ଉପରେ ପ୍ରତିବନ୍ଧକ ଲଗାଇଛି। ଗତ ଅଗଷ୍ଟ ୮ତାରିଖରୁ ଏପରି ପ୍ରତିବନ୍ଧକ ଲାଗିଥିବା ବେଳେ ପୁଣି ଚଳିତମାସ ୩ତାରିଖରେ ଏକ ଅନ୍ତରୀଣ ରହିତାଦେଶ ଜରିଆରେ ୨୦୨୫ ଜାନୁଆରୀ ୧୦ତାରିଖ ପର୍ଯ୍ୟନ୍ତ କଟକଣାକୁ ବଳବତ୍ତର ରଖାଯାଇଛି। ଫଳରେ ମୟୂରଭଞ୍ଜ ଜିଲ୍ଲାରେ ସରକାରୀ ବେସରକାରୀ ଉନ୍ନୟନ କାର୍ଯ୍ୟ ପ୍ରଭାବିତ ହେଉଥିବା ବେଳେ ରାଜସ୍ୱ ହାନି ମଧ୍ୟ ହେଉଛି।

ଜିଲ୍ଲାର ୨୬ଟି ତହସିଲ ଅଧୀନରେ ୨୦୩ଟି ସଇରାତ ରହିଛି। ସେଥିମଧ୍ୟରୁ ୭୭ଟି ବାଲି, ୮୬ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୧୬୧ଟି ଖଣି ବିଭାଗ ଅଧୀନକୁ ଆସିଛି। ଅବଶିଷ୍ଟ ୪୨ଟି ସଇରାତ ବିଭିନ୍ନ କାରଣ ଓ ନ୍ୟାସନାଲ ଗ୍ରୀନ ଟ୍ର୍ୟୁବୁନାଲ କୋର୍ଟରେ ମାମଲା ବିଚାରାଧୀନ ରହିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଲଘୁ ଖଣିଜ ପରିଚାଳନା ଦାୟିତ୍ୱ ରାଜସ୍ୱ ବିଭାଗ ତହସିଲ ଅଧୀନରୁ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇଥିଲେ ହେଁ ଏହି ୪୨ଟି ସଇରାତ ଲଘୁ ଖଣିଜ ବିଭାଗକୁ ହସ୍ତାନ୍ତର କରାଯାଇନାହିଁ। ୬୪ଟି ବାଲି ଓ ୬୯ଟି ପଥର ଖାଦାନକୁ ମିଶାଇ ଜିଲ୍ଲାରେ ମୋଟ ୧୩୩ଟି ସଇରାତ ବନ୍ଦ ପଡ଼ିଛି। ସରକାରୀ ସ୍ତରରେ ୪୦ଟି ବାଲି, ୨୯ଟି ପଥର ଓ ଗୋଟିଏ ମୋରମ ସଇରାତକୁ ମିଶାଇ ମୋଟ ୭୦ଟି ସଇରାତକୁ ଲିଜ୍ ଆକାରରେ ପ୍ରଦାନ କରାଯାଇଛି। ମାତ୍ର ବିଭିନ୍ନ କାରଣରୁ ଲିଜଧାରୀ ଆବଶ୍ୟକ ଦସ୍ତାବିଜ୍ ଦାଖଲ ନକରିବା ସହ ଚୁକ୍ତିନାମା କରି ନଥିବାରୁ ତହସିଲ ପକ୍ଷରୁ ୨ଟି ପଥର ଓ ୨୨ଟି ବାଲି ସଇରାତକୁ ମିଶାଇ ମୋଟ ୨୪ଟି ଲିଜ୍ ସଇରାତ ବନ୍ଦ ପଡ଼ିଛି। ଅବଶିଷ୍ଟ ୪୬ଟି ମଧ୍ୟରୁ ବାଲି ୧୭ଟି, ପଥର ୨୭ଟି ଓ ଗୋଟିଏ ମୋରମ ଖାଦାନ ଚାଲୁ ରହିଥିଲା। ଡିଏସଆର ରିପୋର୍ଟ ପ୍ରଦାନକୁ ନେଇ ବାହାରିଥିବା ତ୍ରୁଟି ଯୋଗୁଁ ଏନ୍‌ଜିଟି ପକ୍ଷରୁ କଟକଣା ପାଇଁ ସେଗୁଡିକ ବନ୍ଦ ପଡ଼ିଛି। ଅନ୍ୟପକ୍ଷରେ ଜିଲ୍ଲାର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଚୋରା ଚାଲାଣ ବୃଦ୍ଧି ପାଇବାରେ ଲାଗିଛି।

- **ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନରେ ପ୍ରତିବନ୍ଧକ**
- **ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ସହ ରାଜସ୍ୱ ହାନି**

ନିକଟରେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଳୀ ମୁର୍ମୁଙ୍କ ପକ୍ଷରୁ ବିଧାନସଭାରେ ଆଗତ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଉତ୍ତର ଅନୁସାରେ, ମୟୂରଭଞ୍ଜ ଜିଲ୍ଲାରୁ ୨୦୨୩-୨୪ ଆର୍ଥିକ ବର୍ଷରେ ୩୫ଟି ନିଲାମ ଘାଟରୁ ବାଲି ଉତ୍ତୋଳନ ହୋଇଛି। ସେ ବାବଦକୁ ୭କୋଟି ୩ଲକ୍ଷ ୮୦ହଜାର ୧୯୪ ଟଙ୍କା ରାଜସ୍ୱ ମିଳିଛି। ତେବେ, ଗତ ୨୦୨୩ ଜାନୁଆରୀ ୧ରୁ ଏ ପର୍ଯ୍ୟନ୍ତ, ପ୍ରାୟ ଦୁଇ ବର୍ଷ ମଧ୍ୟରେ ଲଘୁ ଖଣିଜପଦାର୍ଥ ଉତ୍ତୋଳନ (ବାଲି, ପଥର, ମୋରମ) ବାବଦକୁ ୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ମିଳିଛି। ଏହାକୁ ରାଜସ୍ୱ ଆୟରେ ମାତ୍ରାଧିକ ହ୍ରାସ ବୋଲି କୁହାଯାଉଥିବା ବେଳେ ଏଥିରେ ଏନ୍‌ଜିଟି କଟକଣାକୁ ଦାୟୀ କରାଯାଉଛି।

ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ ୨୨/୪/୨୦୨୨ରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲରେ (ଏନଜିଟି)ର ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଅଗଷ୍ଟ ୨୬ରେ ଏନଜିଟି ସେହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରି ‘ରାଜ୍ୟ ପରିବେଶ ପ୍ରଭାବ ଆକଳନ’ କର୍ତ୍ତୃପକ୍ଷ କମିଟିର ଚୂଡ଼ାନ୍ତ ଆଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାରେ ଦୀର୍ଘ ୨ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଅନ୍ତରୀଣ ଜିଲ୍ଲା ସର୍ଭେ ରିପୋର୍ଟକୁ କିଭଳି ଭାବରେ କାର୍ଯ୍ୟକାରୀ କରି ‘ରାଜ୍ୟ ପରିବେଶ ପ୍ରଭାବ ଆକଳନ’ କର୍ତ୍ତୃପକ୍ଷଙ୍କ ନିକଟରୁ ଅନୁମୋଦନ କରାଯାଇ କାର୍ଯ୍ୟକ୍ଷମ କରାଯିବା ସମ୍ବନ୍ଧରେ ବିଶେଷ ପଦକ୍ଷେପ ନିଆଯାଇଥିବା ଜଣାପଡୁନାହିଁ। ପରବର୍ତ୍ତୀ ତାରିଖ ଜାନୁଆରୀ ୧୦ ତାରିଖ ବେଳକୁ ଡିଏସଆର ରିପୋର୍ଟ ବିବାଦ ସମାଧାନ ନହେଲେ ଜିଲ୍ଲାରେ ଏହାର ରୋଚକ ସ୍ଥିତି ସୃଷ୍ଟି କରିବ।

## ତ୍ରିଦିବସୀୟ ଜାତୀୟ ମାନବାଧିକାର ସମ୍ମିଳନୀ




**ରାଇରଙ୍ଗପୁର, ୮ ।୧୨(ସମିସ):** ଶନିବାର ପୁରୀରେ ମାନବାଧିକାର ସଂଗଠନ ଅଧ୍ୟକ୍ଷ ମନୋଜ ଜେନାଙ୍କ ଅଧ୍ୟକ୍ଷତାରେ ତିନିଦିବସୀୟ ଜାତୀୟ ମାବଧିକାର ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ମାନବଧିକାର ସଂଗଠନର ଆଇନଜୀବୀ ଡ. ମନୀଷା ଦାଶ, ବାଲୁ ଆକ୍ସିସା (ଆନ୍ଧ୍ରପ୍ରଦେଶ), କଲିକତା ଉଚ୍ଚନ୍ୟାୟାଳୟ ଆଇନଜୀବୀ ଅଭିଜିତ ଚାଟାର୍ଜି (ପଶ୍ଚିମ ବଙ୍ଗ), ରାଇମନୀ ମୁଣ୍ଡା (ରାଞ୍ଚୀ), ପଶ୍ଚିମବଙ୍ଗ ରୁ ରାଜୀବ ସିଟ୍, ସତଲପ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଦୀପ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ. ରାଜୀବ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବିଭିନ୍ନ ମାନବାଧିକାର ଉଲ୍ଲଂଘନକୁ କର୍ମୀମାନେ କିପରି ବିଭିନ୍ନ ଆୟୋଗକୁ ନେଇ ନ୍ୟାୟ ଦେବାରେ ସକ୍ଷମ ହୋଇପାରିବେ ସେଥିନେଇ ତାଲିମ ପ୍ରଦାନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହାସହ ମାନବାଧିକାର କର୍ମୀଙ୍କୁ ପ୍ରଶିକ୍ଷଣର କାର୍ଯ୍ୟକ୍ରମ ରହିଛି ବୋଲି ମାନବାଧିକାର ସଂଗଠନ ମୟୂରଭଞ୍ଜ ଜିଲ୍ଲା ମିଡିଆ ପ୍ରଭାରୀ ଶୁଭ୍ରାଂଶୁ ରଞ୍ଜନ ମଣ୍ଡଳ ସୂଚନା ଦେଇଛନ୍ତି।

## ବିଶୋଇ ଚାମ୍ପିଅନ୍‌ସ ଲିଗ୍ ଖେଳାଳି ନିଲାମ ସମାରୋହ



**ବିଶୋଇ, ୮।୧୨ (ସମିସ):** ବିଶୋଇ ନେତାଜୀ କ୍ଲବ ଆନୁକୂଲ୍ୟରେ ହେବାକୁଥିବା ବିଶୋଇ ଚାମ୍ପିଅନସ୍ ଲିଗ୍ ତୃତୀୟ ସଂସ୍କରଣ ପାଇଁ ଖେଳାଳୀ ନିଲାମୀ ପ୍ରକ୍ରିୟା ସରିଛି। ଏଥିନିମନ୍ତେ ବିଶୋଇ କଲ୍ୟାଣ ମଣ୍ଡପ ସଭାଗୃହରେ କ୍ଲବର ସଭାପତି ମାନସ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ନିଲାମ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ସଞ୍ଜୀବ ମହାନ୍ତି, ବିଶୋଇ ପ୍ରେସ କ୍ଲବ ସଭାପତି ସୁଭାଷ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ଦିଲ୍ଲୀପ ସି, ସୁଶୀଲ ମହାନ୍ତି, ବିମ୍ବାଧର ଧୀର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲିଗ ନିମନ୍ତେ ବିଶୋଇ ଓ ବିଜାତଲା ବ୍ଲକର ପୂର୍ବରୁ ପଞ୍ଜୀକରଣ କରିଥିବା ୧୧୧ ଜଣ ପ୍ରତିଭାବାନ କ୍ରିକେଟରଙ୍କୁ ୬ଟି ଫ୍ରାଞ୍ଚାଇଜ ମାଧ୍ୟମରେ ନିଜନିଜ ଦଳରେ ଚୟନ କରିଥିଲେ। ଶାନ୍ତିଲତା ଆସୋସିଏଟ, ରାଜକୁମାର ରୟାଲ, ବାଉତିବେଡା ବୁଲ ଡଜୋର, ଏସ୍‌ଏସ୍ ଚାଲେଞ୍ଜର କଇଁଲାପାଟ, ବିଶୋଇ ଫାଇଟର, ଗୁଣ୍ଡୁରିଆ ପାନ୍ଥର ଲିଜେଣ୍ଡସ୍ ପ୍ରମୁଖ ୬ଟି ଫ୍ରାଞ୍ଚାଇଜ ରହିଛନ୍ତି। ଆସନ୍ତା ୨୨ରୁ ୨୯ ତାରିଖ ପର୍ଯ୍ୟନ୍ତ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ବିଶୋଇ ବ୍ଲକ ଭାତଛତ୍ର ଅଞ୍ଚଳରେ ଅମିତ ଗିରିଙ୍କୁ ସବୁଠାରୁ ଦାମୀ ଖେଳାଳି ଭାବରେ ଗୁଣ୍ଡୁରିଆ ପାନ୍ଥର ଲିଜେଣ୍ଡସ୍ ଓ ଦ୍ୱିତୀୟ ଦାମୀ ଖେଳାଳି ଭାବେ ଅସନା ଅଞ୍ଚଳର ସୂରଜ୍ ମାର୍ଣ୍ଡିଙ୍କୁ ରାଜକୁମାର ରୟାଲ ନିଜ ଦଳରେ ସାମିଲ କରଥିଲେ। ଗ୍ରାମାଞ୍ଚଳ ସ୍ତରରେ ଯୁବ ପ୍ରତିଭାଙ୍କୁ ଲୋକପ୍ରିୟ ଖେଳ କ୍ରିକେଟ ପ୍ରତି ଆକର୍ଷିତ କରିବା ଏହି ଚାମ୍ପିଅନସ୍ ଲିଗର ମୂଳ ଲକ୍ଷ୍ୟ ବୋଲି ନେତାଜୀ କ୍ଲବ ପ୍ରକାଶ କରିଛି। କ୍ଲବ ସମ୍ପାଦକ ସଚିନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ସୁମନ୍ତ ସାହୁ, କ୍ରୀଡ଼ା ସମ୍ପାଦକ ରିତୁନ ମହାନ୍ତି, ସୁଶାନ୍ତ ମହାନ୍ତି, ସୌମ୍ୟରଞ୍ଜନ ମହାନ୍ତି, ରଞ୍ଜନ କବାଟ, ସୁଶାନ୍ତ ମହାନ୍ତ, ଅଭିଜିତ ମହାନ୍ତି, ରଞ୍ଜିତ ମହାନ୍ତି, ପିଣ୍ଟୁ ଗିରି, ଶୁଭ୍ରଜିତ ମହାପାତ୍ର, ଦେବାଶିଷ ନାଏକ, କିରଣ ପାତ୍ର, ଦେବାଶିଷ ପାତ୍ର, ସଞ୍ଜୀବ ସେଠୀ, ଶିପୁ ସି, ବିନୋଦ ମହାନ୍ତ ନିଲାମୀ ପ୍ରକ୍ରିୟା ପରିଚାଳନା କରିଥିଲେ।

**ଅମିତ ଗିରି ଦାମୀ ଖେଳାଳି**

## ବିରାଟ ଲୀଳାକ୍ଷେତ୍ରରେ ପ୍ରାବରଣ ଉତ୍ସବ ପାଳିତ



**ପିଙ୍ଗୁ, ୮।୧୨(ସମିସ):** ନୁଦଡ଼ିହା ପିଙ୍ଗୁସ୍ଥିତ ଶ୍ରୀଜଗନ୍ନାଥମନ୍ଦିରରେ ପ୍ରାବରଣ ଉତ୍ସବ ମହାସମାରୋହରେ ପାଳିତ ହୋଇପାରିଛି। ଶ୍ରୀଜଗନ୍ନାଥ କୋଟି କୋଟି ଓଡ଼ିଆଙ୍କ ଜୀବର ଧନ। ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ଏକ ନୀତିବହୁଳ ମନ୍ଦିର। ଏସମସ୍ତ ନୀତିକାନ୍ତି ଏକାନ୍ତ ଭାବରେ ପୁରାତନ ଓ ଶାସ୍ତ୍ରସମ୍ମତ। ଶ୍ରୀଜଗନ୍ନାଥଙ୍କ ବହୁବିଧ ଯାତ୍ରା ମଧ୍ୟରୁ ଦ୍ୱାଦଶଯାତ୍ରା ମୁଖ୍ୟ ଅଟେ। ଦ୍ୱାଦଶଯାତ୍ରା ମଧ୍ୟରୁ ପ୍ରାବରଣ ଯାତ୍ରା ଅନ୍ୟତମ। ମାର୍ଗଶୀରମାସ ଶୁକ୍ଳପକ୍ଷ ଷଷ୍ଠୀତିଥିରେ ଏହି ଉତ୍ସବ ପାଳନ କରାଯାଏ। ଏହିଯାତ୍ରାକୁ ‘ଓଢ଼ଣଯାତ୍ରା’ ଓ ‘ଘୋଡ଼ଲାଗି’ ଯାତ୍ରା ମଧ୍ୟ କୁହାଯାଏ। ଯେଉଁ ଉତ୍ସବରେ ଶ୍ରୀଜଗନ୍ନାଥଙ୍କ ସମେତ ଚତୁର୍ଦ୍ଧା ମୂର୍ତ୍ତିକୁ ଶୀତବସ୍ତ୍ର ବିଧିଅନୁଯାୟୀ ପରିଧାନ କରିବାକୁ ପଡ଼ିଥାଏ। ବିଧିମୁତାବକ ଭୋଗମଣ୍ଡପକୁ ଧୂଆ-ପ୍ରଖ୍ୟାଳ କରାଯାଇ ଚାନ୍ଦୁଆ ବନ୍ଧାଯାଇଥିଲା। ଏହାପରେ ଚତୁର୍ଦ୍ଧାମୂର୍ତ୍ତିକୁ ଚନ୍ଦନଲାଗି କରାଯାଇଥିଲା। ପରେ ପରେ ମୁଖ୍ୟ ପୂଜକ ସୁଶାନ୍ତ ପଣ୍ଡା ଭୋଗମଣ୍ଡପରେ ୩ଟି ଆଠଦଳ ବିଶିଷ୍ଟ ପଦ୍ମର ମଣ୍ଡଳ ପ୍ରସ୍ତୁତ କରି ତା’ଉପରେ ୩ଟି ଚାଙ୍ଗୁଡ଼ାରେ ଚତୁର୍ଦ୍ଧାମୂର୍ତ୍ତି ସମେତ ଶ୍ରୀମାଧବ, ଶ୍ରୀଦେବୀ ଓ ଭୂଦେବୀ ଏହିପରି ଶୀତବସ୍ତ୍ର ସ୍ଥାପନ କରିଥିଲେ। ଅଧିବାସ ବ୍ରତାନୁଯାୟୀ ୫ମ ତିଥିରେ କାର୍ଯ୍ୟ ସମାପ୍ତ ହୋଇଥିଲା। ଷଷ୍ଠୀ ତିଥିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳଧୂପ ଓ ମଇଲମ ହେବାପରେ ସମସ୍ତ ଘୋଡ଼ବସ୍ତ୍ରକୁ ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନମଣ୍ଡଳୀଙ୍କ ସହାୟତାରେ ମନ୍ଦିର ପରିକ୍ରମା କରାଯାଇ ଘୋଡ଼ବସ୍ତ୍ରକୁ ରତ୍ନସିଂହାସନରେ ରଖା ଯାଇଥିଲା। ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଘୋଡ଼ଲାଗି କରଯାଇଥିଲା। ମନ୍ଦିର କମିଟିର ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଦାସ, ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ନକୁଳ ଜେନା, କୋଷାଧ୍ୟକ୍ଷ ରବିନାରାୟଣ ନାୟକ, ପ୍ରାର୍ଥନା ନାୟକ, ମନୋରଞ୍ଜନ ମଲିକ, ଉର୍ମିଳା ନାୟକ, ବାସନ୍ତି ନାୟକ, ଜନାର୍ଦ୍ଦନ ଜେନା ଓ ମାନସ କୁମାର ସାହୁ, ପୂର୍ଣ୍ଣ ସହଯୋଗ କରିଥିଲେ। ଭାବବନ୍ଧନ ପତ୍ରିକାର ମୁଖ୍ୟ ସମ୍ପାଦକ ଭୋଳାନାଥ ସାହୁ ପ୍ରାବରଣ ଯାତ୍ରା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ।

### ଫେଲ୍ ମାରିଛି ବସୁଧା ଯୋଜନା

## ମାଳ ମାଳ ଟାଙ୍କି, ମିଳୁନି ବସୁଧା ଜଳ; ଡହଳବିକଳ ଗ୍ରାମବାସୀ



**ମୋରଡ଼ା, ୮।୧୨(ସମିସ):** ରାଜ୍ୟ ସରକାର ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗେଇ ଦେବା ନିମନ୍ତେ ବସୁଧା ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଇଣ୍ଟେକ ୱେଲ, ବୋରୱେଲ, ପାଇପଲାଇନ ବିଛେଇବା ସହ ଓଭରହେଡ ଟ୍ୟାଙ୍କ ଭଳି ବହୁ କାର୍ଯ୍ୟ କରୁଛନ୍ତି। ଲୋକଙ୍କ ପାଇଁ ଘରେ ଘରେ ପିଇବା ପାଣି ଯୋଗେଇବା ବ୍ୟବସ୍ଥା କରିଛନ୍ତି କିନ୍ତୁ ଏହି ଯୋଜନାରୁ ସାଧାରଣ ଲୋକ ସୁଫଳ ପାଇ ପାରୁ ନଥିବା ଦେଖିବାକୁ ମିଳିଛି ମୋରଡ଼ା ବ୍ଲକ ଅଧିକାଂଶ ପଞ୍ଚାୟତରେ। ଚିତ୍ରଡା ପଞ୍ଚାୟତରେ ୧୧ଟି ୱାର୍ଡ ଥିବାବେଳେ ସମସ୍ତ ୱାର୍ଡ ପାଇଁ ଓଭରହେଡ ପାଣିଟାଙ୍କି ନିର୍ମାଣ କରାଯାଇଛି କିନ୍ତୁ ପ୍ରାୟ ପାଞ୍ଚଟି ୱାର୍ଡକୁ ବର୍ତ୍ତମାନ ସୁଦ୍ଧା ଲୋକଙ୍କୁ ବିଶୁଦ୍ଧ ପାଣି ସଂଯୋଗ ମିଳିପାରି ନାହିଁ। ଯାହାଫଳରେ ବସୁଧା ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବର୍ତ୍ତମାନ ପିଇବା ପାଣି ନପାଇ ଚିତ୍ରଡା ଗ୍ରାମପଞ୍ଚାୟତର ୩ନମ୍ବର ୱାର୍ଡର ଜନସାଧାରଣ ଡହଳ ବିକଳ ହେଉଛନ୍ତି। ଗୋଟିଏ ନଳକୂପରେ ପାଣି ନେବା ପାଇଁ ପ୍ରତିଦିନ ପ୍ରତିଯୋଗିତା ଲାଗୁଛି। ଗୋଟିଏ ନଳକୂପ ଉପରେ ଚିତ୍ରଡା ୩ନମ୍ବର ୱାର୍ଡର ଶତାଧିକ ପରିବାର ଲୋକ ନିର୍ଭରଶୀଳ କିନ୍ତୁ ପାଣି ନପାଇ ଜନସାଧାରଣ ବର୍ତ୍ତମାନ ବହୁତ ହଇରାଣ ହେଉଛନ୍ତି। ଏଣୁ ତୁରନ୍ତ ପାଣି ସମସ୍ୟାକୁ ଦୂର ନକଲେ ମାର୍କେଟ ସାହି ଗ୍ରାମର ଶହ ଶହ ମହିଳାମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ ମାର୍କଣ୍ଡ ମାରାଣ୍ଡି କହିଛନ୍ତି, ପୂର୍ବରୁ ଏଜେଡିପିଇ କଳା ରଙ୍ଗର ପାଇପ ଏଷ୍ଟିମେଟରେ ଥିଲା ଯାହାକି ବର୍ତ୍ତମାନ ରାସ୍ତା ସମ୍ପ୍ରସାରଣ ହେଉଛି। ତେଣୁ ଜିଆଇ ପାଇପ ଅନୁମୋଦନ ପାଇଁ ପଠାଯାଇଛି, ଆସିଲେ ସବୁ ସମସ୍ୟା ଦୂର ହେବ।

## ପିଆର୍‌ଏମ୍ ମେଡିକାଲ କଲେଜ ହସ୍ପିଟାଲ: ସୂଚନା ପ୍ରଦାନରେ ବିଳମ୍ବ; କମିଶନରଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ବାରିପଦା, ୮ ।୧୨(ସମିସ): ଧାର୍ଯ୍ୟ ସମୟରେ ତଥ୍ୟ ପ୍ରଦାନ ନକରିବାରୁ ଜନସୂଚନା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମୋରଡା ବ୍ଲକ ଅଞ୍ଚଳର ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ପିଆରଏମ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ତଥ୍ୟ ମାଗିଥିଲେ। ଏକ ଠିକା ସଂସ୍ଥା ସମ୍ପର୍କରେ କେତେକ ଆବଶ୍ୟକ ତଥ୍ୟ ୧୬ ନଭେମ୍ବର ୨୦୧୯ରେ ମାଗିଥିଲେ। ମାତ୍ର ଧାର୍ଯ୍ୟ ସମୟରେ ସଠିକ ତଥ୍ୟ ନ ମିଳିବାରୁ ଉକ୍ତ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ୯ ଜାନୁଆରୀ ୨୦୨୦ରେ ପ୍ରଥମ ଅପିଲ କରିଥିଲେ। ସେଠାରୁ ନିରାଶ ହେବାପରେ ରାଜ୍ୟ ସୂଚନା ଆୟୋଗଙ୍କଠାରେ ୨୪ ଫେବୃଆରୀ ୨୦୨୦ରେ ଦ୍ୱିତୀୟ ଅପିଲ କରିଥିଲେ। କମିଶନର ଉକ୍ତ ଅପିଲ ଦରଖାସ୍ତକୁ ୬୩୧/୨୦ରେ ପଞ୍ଜିକୃତ କରି ଏହାର ବିଚାର କରିଥିଲେ। ପ୍ରଥମ ଶୁଣାଣିରେ କମିଶନର ପିଆଇଓ ବିମଳା ବିରୁଲିଙ୍କୁ ୫୦ ଫର୍ଦ୍ଦର ଆବଶ୍ୟକ ତଥ୍ୟ ନଥିପତ୍ର ଯାଞ୍ଚ ପରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥ୍ୟ ମିଳିବା ପରେ ୧୯ ଅକ୍ଟୋବର ୨୦୨୪ରେ ଚୂଡ଼ାନ୍ତ ରାୟ ପ୍ରକାଶିତ ହୋଇଥିଲା। ସୂଚନା ଅଧିକାର ଆଇନ ଧାରା ୨୦(୨) ଅନୁଯାୟୀ ସମ୍ପୃକ୍ତ କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଏହାର ରିପୋର୍ଟ ୩ ମାସ ଭିତରେ କମିଶନରଙ୍କୁ ଅବଗତ କରାଇବାକୁ ସୂଚନା କମିଶନର ସୁଶାନ୍ତ ମହାନ୍ତି ପିଆରଏମ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା



**ବେତନଟୀ, ୮।୧୨(ସମିସ):** ପାଠ ଛାଡ଼ି ମୋବାଇଲ ଦେଖୁଥିବାରୁ ଘରଲୋକେ ଆକଟ କଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଜଣେ ଦଶମ ଶ୍ରେଣୀ ଛାତ୍ର ରବିବାର ସନ୍ଧ୍ୟାରେ ଫାଶିଦେଇ ଆତ୍ମହତ୍ୟା କରିଛନ୍ତି। ବେତନଟୀ ଆନନ୍ଦବଜାର ଉପକଣ୍ଠ ମିଲସାହିର ନିରୋଜ ଜେନାଙ୍କ ପୁଅ ଲିଙ୍ଗରାଜ (୧୫) ଗରୁନବସାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଥିବାବେଳେ ସେ ଘର ଭିତରେ ଫ୍ୟାନରେ ଝୁଲିବା ଦେଖି ପରିବାର ଲୋକେ ବେତନଟୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ ଅଭିଭାବକମହଲ ଓ ସ୍କୁଲରେ ଶୋକ ପ୍ରକାଶ ପାଇଛି। ଛାତ୍ର ଜଣକ ନମ୍ର, ସରଳ ସ୍ୱଭାବର ବୋଲି ପ୍ରଧାନଶିକ୍ଷକ ତୁଷାରକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି। ବେତନଟୀ ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଥିଲା ବେଳେ ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାଇଛି।

## ଜିଲ୍ଲାସ୍ତରୀୟ ଆଭାସୀ କାର୍ଯ୍ୟକ୍ରମ; ଚାଷୀଙ୍କୁ ମିଳିଲା ଇନ୍‌ପୁଟ୍ ସବ୍‌ସିଡି



**ବାରିପଦା, ୮ ।୧୨(ସମିସ):** ବରଗଡ଼ର ସୋହେଲାଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମଗ୍ର ଓଡ଼ିଶାର ଚଳଷୀଙ୍କ ପାଇଁ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ସବସିଡି ବଣ୍ଟନ କରିଛନ୍ତି। ସେହି ପରିପ୍ରେକ୍ଷୀରେ ଜିଲ୍ଲାର ଚାଷୀମାନେ ବାରିପଦାସ୍ଥିତ ନିୟନ୍ତ୍ରିତ ବଜାର କମିଟି ପଡ଼ିଆଠାରେ ଏକତ୍ରିତ ହୋଇ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳାବାୟୁ ପରିବର୍ତ୍ତନ ତଥା ଶ୍ରମ ବିଭାଗ ମନ୍ତ୍ରୀ ଙ୍କ ଗଣେଶ ରାମସିଂ ଖୁଣ୍ଟିଆ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକଙ୍କ ସମେତ ଜିଲ୍ଲାପାଳ ହେମକାନ୍ତ ସଏ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରଭାଗୀୟ ଯୋଗାଣ ଅଧିକାରୀ ଲକ୍ଷ୍ମୀଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ଶ୍ରୀ ସଏ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ କୃଷ୍ଣ ସେଠୀ ଓ ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେହୁରିଆ ପରିଚାଳନା କରିଥିଲେ। ୨୬ ବ୍ଲକରୁ ଚାଷୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## କାର୍ଯ୍ୟରତ ଏଡିଇଓଙ୍କ ବିୟୋଗ



**ବୈଶିଙ୍ଗା, ୮।୧୨(ସମିସ):** ବଡ଼ସାହି ବ୍ଲକରେ ଦୀର୍ଘବର୍ଷ ଧରି ଗ୍ରାମ ରୋଜଗାର ସେବକ (ଜିଆରଏସ) ରହିବା ପରେ ନିକଟରେ ବେତନଟୀ ବ୍ଲକକୁ ଏଡିଇଓକୁ ପଦୋନ୍ନତ ଭବଦୟାଳ ସିଂ(୪୨)ଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ପୈତୃକଘର ବଡ଼ସାହି ଯଦୁନାଥପୁର। ସେ ଚିତ୍ରଡ଼ାରେ ଶିକ୍ଷୟିତ୍ରୀ ପତ୍ନୀଙ୍କ ସହ ରହୁଥିଲେ। ଭବଦୟାଳଙ୍କୁ ଅଁଳା ଓ ରଘୁପୁର ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିଲା। ଚିତ୍ରଡାସ୍ଥିତ ଭଡ଼ାଘରେ ଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିବା ବେଳେ କାର୍ଯ୍ୟରତ ଏଡିଇଓ ଅଜିତ ସାସମଲଙ୍କ ସମେତ ଅନ୍ୟାନ୍ୟ ଏଡିଇଓ ଏବଂ ବ୍ଲକକର୍ମଚାରୀ ପ୍ରମୁଖ ଶେଷଦର୍ଶନ କରିଥିଲେ। ଅପରାହ୍ନରେ ଯଦୁନାଥପୁରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସ୍ୱପ୍ନ ହେବ ବାସ୍ତବ

# ପ୍ରସ୍ତୁତିପଥରେ ଦାଣ୍ଡବୋଷ ବିମାନ ଟର୍ମିନାଲ

ରାଇରଙ୍ଗପୁର, ୮।୧୨(ସମିସ)






ରାଇରଙ୍ଗପୁର ଅଞ୍ଚଳବାସୀଙ୍କ ସ୍ୱପ୍ନ ବାସ୍ତବ ରୂପ ନେଉଛି। ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲା ପାଇବାକୁ ଯାଉଛି ନୂତନ ପରିଚୟ। ରାଇରଙ୍ଗପୁର ନିକଟ ଦାଣ୍ଡବୋଷଠାରେ ନୂତନ ବିମାନ ଟର୍ମିନାଲ ଓ ବିମାନ ପଟ୍ଟୀର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଯାହାକୁ ରାଇରଙ୍ଗପୁର ମାଟିର ସୁକନ୍ୟା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୁରଭଞ୍ଜ ଗସ୍ତ ବେଳେ ଚଳିତ ମାସ ୭ ତାରିଖ ଦିନ ଭିତ୍ତିପ୍ରସ୍ତରକୁ ଲୋକାର୍ପଣ କରିଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଏହି ଦାଣ୍ଡବୋଷ ବିମାନ ଟର୍ମିନାଲକୁ ଉଡ଼ାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଠାରେ ୬୪ ଏକର ଜମିରେ ୧୨୩୦ ମିଟର ଲମ୍ବ ଓ ୨୩ ମିଟର ରନୱେକୁ ବିକଶିତ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଇରଙ୍ଗପୁରଠାରୁ ରାଉରକେଲା ଓ ରାଇରଙ୍ଗପୁରଠାରୁ ଅମ୍ବିକାପୁର ମାର୍ଗରେ ବିମାନ ସେବା ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି।

**ବ୍ୟବସାୟ ଓ ପର୍ଯ୍ୟଟନ ଶିଳ୍ପ ହେବ ଗତିଶୀଳ**

ଜିଲ୍ଲାର ଉପାନ୍ତ ବାମନଘାଟୀ ଉପଖଣ୍ଡ ଖଣି ଖାଦାନରେ ପରିପୂର୍ଣ୍ଣ ରହିବା ସହ ଏହାର ବିଭିନ୍ନ ଐତିହାସିକ ପୃଷ୍ଠଭୂମି ଓ ପର୍ଯ୍ୟଟନ ସ୍ଥଳ ରହିଛି। ରାଇରଙ୍ଗପୁର ସହରଠାରୁ ୪ କିଲୋମିଟର ଦୂର ୨୨୦ ନଂ ଜାତୀୟ ରାଜପଥ ସହିତ ସଂଲଗ୍ନ ରହିଛି ସାନ୍ତାଳୀ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପୈତୃକ ଗାଁ ଦାଣ୍ଡବୋଷ ରହିଛି। ସେଠାରୁ ପ୍ରାୟ ୧.୭ କିମି ଦୂରତାରେ ରହିଛି ବ୍ରିଟିଶ ଅମଳର ନିର୍ମିତ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ବା ବିମାନ ଅବତରଣ କେନ୍ଦ୍ର ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହି ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ନିର୍ମାଣ ହୋଇଥିବାର କୁହାଯାଏ। ସେହି ସମୟରେ ଉପଖଣ୍ଡର ଗୋରୁମହିଷାଣୀ, ବାଦାମପାହାଡ ଓ ସୁଲେଇପାଟ ଲୁହାଖଣି ଅଞ୍ଚଳରେ ଟିକ୍‌ସୋ କମ୍ପାନୀର ଅସ୍ଥାୟୀ ଉଡାଜାହାଜ ଅବତରଣ ପାଇଁ ଏହି ପଡ଼ିଆ ବ୍ୟବହୃତ ହେଉଥିଲା। କମ୍ପାନୀର ପଦାଧିକାରୀମାନେ ବିଭିନ୍ନ ସମୟରେ ଯିବାଆସିବା କରୁଥିଲେ। ବାମନଘାଟି ଉପଖଣ୍ଡ ରାଇରଙ୍ଗପୁର ଅଞ୍ଚଳରେ ତିନୋଟି ପ୍ରମୁଖ ଲୁହାପଥର ଖଣି, ଗୋରୁମହିଷାଣି, ବାଦାମପାହାଡ଼, ସୁଲେଇପାଟ ସମେତ ମୋଟ ୧୧ଟି ଲୁହାପଥର ଓ ମାଙ୍ଗାନିଜ ଖଣି ମଧ୍ୟ ରହିଛି। ଜିଲ୍ଲାର ଭୌଗୋଳିକ ତଥା ସାମଗ୍ରିକ ଦୃଷ୍ଟିକୋଣରୁ ଉପଯୁକ୍ତ ରାଇରଙ୍ଗପୁର ସହର ସନ୍ନିକଟ ଏହି ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଲେ ବାହାରୁ ଶିଳ୍ପପତି, ଖଣିଖାଦାନ ସହ ସମ୍ପୃକ୍ତ ବ୍ୟବସାୟୀ, ଉଦ୍ୟୋଗପତି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀ ତଥା ନେତୃବୃନ୍ଦ ଯିବାଆସିବା ସୁଗମ ହେବ। ଏହାଛଡା ପର୍ଯ୍ୟଟନ ଦୃଷ୍ଟିରୁ ରାଷ୍ଟ୍ରପତିଙ୍କ ଗାଁ, ସାନ୍ତାଳୀ ଅଲଚିକି ଲିପି ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମ ଗାଁ ଦାଣ୍ଡବୋଷ, ଶିମିଳିପାଳ ଜାତୀୟ ଉଦ୍ୟାନ, ଖିଚିଂ ତଥା ଜିଲ୍ଲାରେ ପ୍ରମୁଖ ଦର୍ଶନୀୟ ସ୍ଥଳୀ ବୁଲିବାର ସୁଯୋଗ ପାଇପାରିବେ। ଅଞ୍ଚଳର ବିକାଶ ହୋଇପାରିବ ଏଥିରେ ସନ୍ଦେହ ନାହିଁ।

### ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌ର ବର୍ତ୍ତମାନ ସ୍ଥିତି

ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌ଟି ସମୁଦ୍ର ପତ୍ତନଠାରୁ ୨୬୭ମିଟର ଉଚ୍ଚରେ ରହିଛି। ରାଇରଙ୍ଗପୁର ତହସିଲର ମୁର୍ଗାଘୁଟୁ ମୌଜାର ଖାତାନଂ ୯୮ରେ ମୋଟ ୭୦ ଏକର ୯୫ ଡେସିମିଲ ଜମିରେ ଏହି ବିମାନ ଅବତରଣ କେନ୍ଦ୍ର ରହିଛି। ରାଇରଙ୍ଗପୁର ସହରରୁ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌କୁ ପକ୍କା ରାସ୍ତା ମଧ୍ୟ ରହିଛି। ଏହି ଦାଣ୍ଡବୋଷ ଏୟାରଷ୍ଟ୍ରିପର ଅନେକ ଉନ୍ନତିକରଣ କାର୍ଯ୍ୟ କରାଯାଇଛି। ଦାଣ୍ଡବୋଷ ଏୟାରଷ୍ଟ୍ରିପର ମୁଖ୍ୟ ଫାଟକ, ଉଭୟ ପାର୍ଶ୍ୱର ୧୪୦୦ ମିଟର ଦୈର୍ଘ୍ୟର ପାଚେରି ନିର୍ମାଣ କରାଯାଇଛି। ମାତ୍ର ରନୱେର ଉଭୟ ମୁଣ୍ଡରେ ପାଚେରୀ ନାହିଁ। ଦାଣ୍ଡବୋଷ ଏୟାରଷ୍ଟ୍ରିପର ଭିତରେ ଏକ ବିଶ୍ରାମାଗାର ରହିଛି। ସେଠାରେ ଦୁଇଟି ପ୍ରକୋଷ୍ଠ ରହିଛି। କୌଣସି ଭିଭିଆଇପିଙ୍କ ଅବତରଣ ସମୟରେ ସେଠାରେ ଆବଶ୍ୟକ ବ୍ୟବସ୍ଥା କରାଯାଇଥାଏ। ଏହି ଦୁଇଟି ପ୍ରକୋଷ୍ଠର ଉନ୍ନତିକରଣ କରାଯାଇଛି।

## କୁସେଇ ସେତୁ: ୨ ବର୍ଷ ନ ପୂରୁଣୁ ମରାମତି କାମ ଆରମ୍ଭ

# ମାଟି ଗଦାକରି ସେତୁ କାମ କରୁଛି ଠିକା ସଂସ୍ଥା

ବେଲବାହାଲି,୮।୧୨(ସମିସ)



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ୨୦ନଂ ଜାତୀୟ ରାଜପଥ ବେଲବାହାଲିର ନୂତନ କୁସେଇ ସେତୁ ନିର୍ମାଣକୁ ୨ ବର୍ଷ ନ ପୂରୁଣୁ ପୁନର୍ବାର କୁସେଇ ସେତୁ ମରାମତି କାମ ହେଉଥିବା ବେଳେ ଜାତୀୟ ରାଜପଥରେ କୌଣସି ସୂଚନା ଫଳକ ନଲଗାଇ ରାଜପଥ ଉପରେ ମାଟି ଗଦା କରି ସେତୁ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଯାହାଫଳରେ ପ୍ରତିଦିନ ଛୋଟ ଛୋଟ ଦୁର୍ଘଟଣା ଘଟୁଛି। ସୂଚନା ଅନୁଯାୟୀ ପୂର୍ବରୁ କୁସେଇ ସେତୁ ନିର୍ମାଣ କରିଥିବା ଠିକାସଂସ୍ଥାର ମନମୁଖୀ କାମ ଯୋଗୁ ଜାତୀୟ ରାଜପଥ ସେତୁ ଉପରେ ଦିଆଯାଇଥିବା ଲୁହାଧାରଣାର ବ୍ଲେଡ୍ ସେତୁ ନିର୍ମାଣର କିଛି ଦିନ ପରେ ବ୍ଲେଡ ବାହାରିକି ରାସ୍ତା ଉପରେ ପଡିରହିଥିଲା। ଫଳରେ ଯିବା ଆସିବା କରୁଥିବା ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ଅଭିଯୋଗ ପରେ ଠିକା ସଂସ୍ଥା ଉକ୍ତ ସେତୁକୁ ମରାମତି କରିଥିଲା। କିନ୍ତୁ ପରିତାପର ବିଷୟ କେନ୍ଦୁଝରରୁ ଲୁହା ପଥର ବୋଝେଇ ଗାଡି ଗୁଡିକ ହଜାର ହଜାର ସଂଖ୍ୟାରେ ଦ୍ରୁତଗତିରେ ଯାଉଥିବା ବେଳେ ପୁନର୍ବାର ସେତୁ ଉପରେ ଲାଗିଥିବା ବ୍ଲେଡ଼ ସହ ବଡ ବଡ ଖାଲ ଖମା ହୋଇ ବିପଦପୂର୍ଣ୍ଣ ସୃଷ୍ଟି କରିଥିଲା। ଯାହା ଫଳରେ ବାରମ୍ବାର ସ୍ଥାନୀୟ ଜନସାଧାରଣଙ୍କ ସମେତ ଖବର ପ୍ରସାରଣ ହେବାପରେ ଠିକାସଂସ୍ଥା ସେତୁ କାମ ମରାମତି କରିଥିବା ଦେଖିବାକୁ ମିଳିଛି। କିନ୍ତୁ ଦୁଃଖର ବିଷୟ ରାଜପଥରେ କୌଣସି ସତର୍କ ସୂଚନା ଫଳକ ନଲଗାଇ ଖାଲି ମାଟି ଗଦା କରି ନୂତନ ସେତୁ କାମ ମରାମତି କରୁଛି ଠିକା ସଂସ୍ଥା। ଯାହାଦ୍ୱାରା ରାତି ହେଲେ ବାଇକ ଆରୋହୀଙ୍କ ସମେତ ଜିଲ୍ଲା ଏବଂ ରାଜ୍ୟ ବାହାରୁ ଆସୁଥିବା ଶତାଧିକ ସଂଖ୍ୟାରେ ଯାନବାହାନ ଗୁଡିକ ଜାଣିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ ପ୍ରଶାସନଙ୍କ ସମେତ ଏନଏଚ୍ଏଆଇର ଅଧିକାରୀ ମାନେ ଦୃଷ୍ଟି ଦେଇ ସତର୍କ ସୂଚନା ଲଗାଇବାକୁ ସ୍ଥାନୀୟ ଅଞ୍ଚଳବାସୀ ମାନେ ଦାବି କରିଛନ୍ତି।

## ଲମ୍ପିସ୍କିନ୍ ରୋଗରେ ଆକ୍ରାନ୍ତ ଗାଈଗୋରୁ



ତୁରୁମୁଙ୍ଗା,୮।୧୨(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅଞ୍ଚଳରେ ଗାଈ ଗୋରୁଙ୍କୁ ଲମ୍ପିସ୍କିନ୍ ରୋଗ ବ୍ୟାପି ଥିବା ବେଳେ ଛେଳିମାନଙ୍କୁ ଇଏନ୍‌ଟି ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି। ଗାଈ ଗୋରୁଙ୍କ ଦେହରେ ପ୍ରଥମେ ବଥ ଭଳି ହୋଇ ପାଚିଯିବା ପରେ ଦେହରୁ ଚମଡ଼ା ଛାଡିଯାଉଛି। ଗାଈ ଗୋରୁ ଗୁଡିକ ଚାଲିପାରୁନାହାନ୍ତି ପାଟି ଫୁଲି ଯାଉଥିବାରୁ ଖାଇ ପାରୁ ନଥିବା ବେଳେ ଆଖିରୁ ପାଣି ବାହାରୁଥିବା ସିଲିପଦା ଗ୍ରାମର ଅଭିମନ୍ୟୁ ମହାନ୍ତ କହିଛନ୍ତି। ଏପରି ଗୋରୁଗାଈ ଜ୍ୱରରେ ଥରୁଛନ୍ତି। ଅଭିମନ୍ୟୁ ନିଜ ଘରେ ଏକ ଗୋଶାଳା କରି ଶତାଧିକ ଗୋରୁଙ୍କୁ ରଖି ଗୋପାଳନ କରୁଥିବା ବେଳେ ୫ରୁ ଊର୍ଦ୍ଧ୍ୱ ଗୋରୁଙ୍କ ନିକଟରେ ଏହି ଲକ୍ଷଣ ଦେଖା ଦେଉଥିବା କହିଛନ୍ତି। ସେହିପରି ଛେଳିଙ୍କ ନିକଟରେ ଇଏନ୍‌ଟି ରୋଗ ଦେଖା ଦେଇଥିବା ଶଙ୍ଖୁଆ ଗ୍ରାମର ଚାଷୀ ଯଶୋବନ୍ତ ମହାନ୍ତ କହିଛନ୍ତି। ଗାଈ ଗୋରୁ ଓ ଛେଳିଙ୍କ ନିକଟରେ ଏଭଳି ରୋଗ ଦେଖା ଦେଇଥିବାରୁ ଚାଷୀ ଏବେ ଚିନ୍ତାରେ ପଡିଛନ୍ତି। ଅଭିଯୋଗ ହେଉଥିଲେ ମଧ୍ୟ ପ୍ରାଣୀସଂପଦ ବିଭାଗ ଏ ପର୍ଯ୍ୟନ୍ତ ଗ୍ରାମରେ ପହଞ୍ଚି ନ ଥିବା ଅଭିଯୋଗ ହୋଇଛି। ପ୍ରାଣୀସମ୍ପଦ ବିଭାଗ ତୁରନ୍ତ ଗାଈ ଗୋରୁ ଓ ଛେଳିଙ୍କୁ ଟିକାକରଣ କରିବାକୁ ଦାବି ହୋଇଛି। ଏନେଇ ସାହାରପଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ. ଲିନା କଲହଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ଗାଈଗୋରୁଙ୍କୁ ଚିକିତ୍ସା କରାଯିବ ବୋଲି କହିଛନ୍ତି।

## ଉପଜିଲ୍ଲାପାଳଙ୍କୁ ଫେରାଦ ହେଲେ ଛାତ୍ରଛାତ୍ରୀ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ମଡେଲ ସ୍କୁଲ୍‌ରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳିକୁ କେନ୍ଦ୍ର କରି ଉପୁଜିଥିବା ବିବାଦକୁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ସମାଧାନ କରିପାରୁନଥିବାରୁ ଆଜି ଛାତ୍ରଛାତ୍ରୀ ଓ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିବା ପରେ ଉପଜିଲ୍ଲାପାଳଙ୍କୁ ଫେରାଦ ହୋଇ ସମସ୍ୟାର ସମାଧାନ କରିବାକୁ ନିବେଦନ କରିଥିବା ଜଣାଯାଇଛି। ଗତ ୨ ମାସ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ କିମ୍ବା ଉପଖଣ୍ଡ ପ୍ରଶାସନ ବିବାଦକୁ ତୁଟାଇ ପାରୁନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ଲାଗି ରହିଥିବା ବିବାଦ ଦିନକୁ ଦିନ ଉଗ୍ର ରୂପ ଧାରଣ କରି ଏବେ ବିସ୍ଫୋରିତ ଅବସ୍ଥାରେ ପହଞ୍ଚିଛି। ଏନେଇ ପରିଚାଳନା କମିଟି ଓ ଅଭିଭାବକ ମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ହସ୍ତକ୍ଷେପ କରୁନଥିବା ଚିନ୍ତାର କାରଣ ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ଉପୁଜିଥିବା ବିବାଦରୁ ଉତ୍ତେଜନା ପ୍ରକାଶ ପାଇବା ସହିତ ଛାତ୍ରଛାତ୍ରୀଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକ ମାନେ ଅଭିଯୋଗ କରିଛନ୍ତି।

## ଆନନ୍ଦପୁର ସଂକୁଳର ବାର୍ଷିକ କ୍ରୀଡ଼ା ସମାରୋହ

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ଷ୍ଟାଡିୟମ ପଡିଆ ଠାରେ ଆନନ୍ଦପୁର ସଂକୁଳର ୨୫ତମ ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଅଛି। କ୍ରୀଡା ସଂସଦ ଉପସଭାପତି ନିରାକାର ଗୋଳାଫିଙ୍ଗା,ଥାଳିଆ ଫିଙ୍ଗା, ଗଣିତ ଦୌଡ, ମ୍ୟୁଜିକ୍ ଚେୟାର, ଧିର ସାଇକଲ ଚାଳନା ଆଦି ଖେଳରେ ଅଂଶଗ୍ରହଣ କରିଥିଲେ। ପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ



ଦଳେଇ ଯୁଗ୍ମ ସଂପାଦକ ଅକ୍ଷୟ କୁମାର ମହାନ୍ତି, ଅଶୋକ କୁମାର ରାଉଳ ସମାରୋହକୁ ଉଦଘାଟନ କରିଥିରେ। ଏହି କ୍ରୀଡା ସମାରୋହରେ ଆନନ୍ଦପୁର ସଂକୁଳ ଅନ୍ତର୍ଗତ ୧୦ଟି ଶିଶୁ ମନ୍ଦିରର ଛାତ୍ରଛାତ୍ରୀ ଯୋଗ ଦେଇ ଦୌଡ ପ୍ରତିଯୋଗିତା ଲମ୍ବଡିଆଁ, ଉଚ୍ଚଡିଆଁ, ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ସଂକୁଳ ସ୍ତରୀୟ ପ୍ରତିଯୋଗିତାରେ ଆନନ୍ଦପୁରର ଶୁଭଙ୍କର ଦଳେଇ ଚାମ୍ପିଅନ ହୋଇଥିଲେ। କାର୍ଯ୍ୟକ୍ରମକୁ ଗୁରୁଜୀ ପଙ୍କଜ କୁମାର ମହାନ୍ତି ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଗୁରୁମା ସହ ଯୋଗ କରିଥିଲେ।

## ଆନନ୍ଦପୁର ଲେଖକ ସମବାୟ ସମିତିର ବାର୍ଷିକ ଉତ୍ସବ



ଆନନ୍ଦପୁର,୮।୧୨(ସମିସ): କବି ଲେଖକମାନେ ପ୍ରକୃତିକୁ ନେଇ ଅଜସ୍ର ଲେଖା ସମାଜକୁ ଭେଟି ଦେଇଛନ୍ତି। ପ୍ରକୃତି ସହିତ ସେମାନଙ୍କର ସଂପର୍କ ଅତି ନିବିଡ଼ ବୋଲି ଆନନ୍ଦପୁର ଲେଖକ ସମବାୟ ସମିତିର ସାମ୍ବତ୍ସରିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ଉତ୍ସବକୁ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ଶିଶୁ ସାହିତ୍ୟିକ ଡ.ରାମଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଡ.ଦିଲ୍ଲୀପ କୁମାର ଦାଶ ଓ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇଥିଲେ। ଏଥିରେ କବି ନିରଞ୍ଜନ ପତି ଓ ପ୍ରଫୁଲ୍ଲ ଚକ୍ରଙ୍କ ସଂଯୋଜନାରେ ୭୮ ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଆନନ୍ଦପୁର ଉପଜିଲ୍ଲାପାଳ ତଥା ଲେଖକ ସମବାୟ ସମିତିର ସଭାପତି ଫାଲ୍‌ଗୁନୀ ମାଝୀଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇଥିଲେ। ଚଳିତ ବର୍ଷ ପାଇଁ କବି ଡ.ଶମ୍ଭୁନାଥ ରାଉତଙ୍କୁ ରାଜ୍ୟସ୍ତରୀୟ ବରିଷ୍ଠ ଲେଖକ ସମ୍ମାନ, ଡ.ଲଲାଟେନ୍ଦୁ ସାହୁଙ୍କୁ ସାରସ୍ୱତ ଗଳ୍ପ ସମ୍ମାନ, ଶୁଭଶ୍ରୀ ମହାରଣାଙ୍କୁ ସାରସ୍ୱତ କବିତା ସମ୍ମାନ ଓ ପୁଷ୍ପମଞ୍ଜରୀ କରଙ୍କୁ ସମିତି ସମ୍ବର୍ଦ୍ଧନା ସ୍ୱରୂପ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରାଯାଇ ଥିଲା। ଏ ଅବସରରେ କବି ଚତୁର୍ଭୁଜ ଜେନାଙ୍କ ପୁସ୍ତକ ''ଭିଜା ମାଟିର ବାସ୍ନା' ଜନାର୍ଦ୍ଦନ ସେଠୀଙ୍କ 'ଧନରେ ମୋର ବଚନ ମାନ', କବି ଚନ୍ତାମଣି ମିଶ୍ରଙ୍କ ''ରେଜା' ଓ ଚତୁର୍ଭୁଜ ପହିଙ୍କ ''କେହି ନ ପାରିବେ ରୋଧି' ପୁସ୍ତକ ସମେତ ଅନୁଷ୍ଠାନର ମୁଖପତ୍ର ''ଅବର୍ଣ୍ଣା' ଉନ୍ମୋଚିତ ହୋଇଥିଲା। ସମିତିର ସଂପାଦକ ରତ୍ନାକର ଦାସ ସଂପାଦକଙ୍କ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ପ୍ରଫେସର ରମାକାନ୍ତ ନାୟକ, କୀର୍ତ୍ତନ ସାହୁ, ଅନୀଲ ସାହୁ, ଡ.ଅଶୋକ ପୁହାଣ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ଏ ଉତ୍ସବରେ ଭଦ୍ରକ ଯାଜପୁର ଓ କଟକ ଜିଲ୍ଲାର ଶତାଧିକ କବି ଯୋଗଦେଇ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ତୁରୁମୁଙ୍ଗା,୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ା ଗ୍ରାମର ଅବସରପ୍ରାପ୍ତ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ହରେକୃଷ୍ଣ ସାହୁଙ୍କ ରବିବାର ସନ୍ଧ୍ୟାରେ ୯୦ବର୍ଷ ବୟସରେ ପରଲୋକ ଘଟିଛି। ସେ ଜଣେ ଅମାୟିକ, ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ନେତା କମଳାକାନ୍ତ ପତି, ବୀରମୋହନ ଦ୍ୱିବେଦୀ, ପ୍ରମୋଦ କୁମାର ମହାନ୍ତ, ଜ୍ୟୋତିର୍ମୟ ତ୍ରିପାଠୀ, ଶିକ୍ଷୀ ତ କୈଳାଶ ଚନ୍ଦ୍ର ବାରିକ, ଶାନ୍ତନୁ କୁମାର ସାହୁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ପୁଅ ତ୍ରିଲୋଚନ, କୃପାସିନ୍ଧୁ, ସୁଦାମ ବିନୋଦ ଉପସ୍ଥିତ ଥିଲେ। ସୋମବାର ତାଙ୍କର ଅନ୍ତେଷ୍ଟିକ୍ରିୟା ବୈତରଣୀ ନଦୀ କୂଳରେ ସମ୍ପନ୍ନ ହେବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।



ପୋଖରୀରେ ଫୁଟିଛି ଲାଲ୍ କଇଁଫୁଲ; ବାଟୋଇଙ୍କୁ କରୁଛି ବିମୋହିତ (ଫଟୋ-ସୋସୋ)

## ରଘୁନାଥଜିଉ ପୀଠରେ ସାଧୁ ସୁଧାନନ୍ଦ ଗିରି

ରାମଚନ୍ଦ୍ରପୁର,୮ ।୧୨(ସମିସ): ଗଁପୁରର ପ୍ରସିଦ୍ଧ ରଘୁନାଥଜିଉ ପୀଠରେ ଆଜି ପୁରୀ ବାଲିଘାଇ ସ୍ଥିତ ହରିହରାନନ୍ଦ



କ୍ରିୟାଯୋଗ ଆଶ୍ରମର ସାଧୁ ସ୍ୱାମୀ ସୁଦ୍ଧାନନ୍ଦ ଗିରି ମହାରାଜ ପହଞ୍ଚି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସ୍ୱଳ୍ପ ସମୟ ରହଣି ମଧ୍ୟରେ ସ୍ଥାନୀୟ ଅଞ୍ଚଳର ମୁରବୀ ତଥା ବୁଦ୍ଧଜୀବୀମାନଙ୍କ ସହିତ ଆଳାପ ଆଲୋଚନା ମାଧ୍ୟମରେ ରଘୁନାଥଜିଉଙ୍କ ନୀତିକାନ୍ତି ଏବଂ ମନ୍ଦିର ପରିଚାଳନା ପ୍ରସଙ୍ଗରେ ପଚାରି ବୁଝିଥିଲେ। ମହାରାଜ କେନ୍ଦୁଝରରୁ ପୁରୀ ଫେରିବା ବାଟରେ ଅଚାନକ ଗଁପୁର ରଘୁନାଥପୀଠକୁ ଶୁଭ ଆଗମନ କରିଥିଲେ। ମହାରାଜଙ୍କ ସହିତ ଅନେକ ସାଧୁସନ୍ଥ ମଧ୍ୟ ଆସି ମହାପ୍ରଭୁ ରଘୁନାଥଜିଉଙ୍କୁ ଦର୍ଶନ କରିଥିଲେ। ସ୍ୱାମୀଜୀଙ୍କ ଆଗମନକୁ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି।

## ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ଯୋଡା,୮।୧୨(ସମିସ): ଯୋଡା ସହରବାସୀଙ୍କ କଲ୍ୟାଣ ନିମିତ୍ତ କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ୯ନଂ. ୱାର୍ଡ ଗୋପ ମହାନ୍ତି ହଟିଙ୍ଗ ନିକଟ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଏକ ପଞ୍ଚକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ଉପନଗରପାଳ ସନ୍ଧ୍ୟା ପାତ୍ର, ପାତ୍ର ତନ୍ତୀ କଲ୍ୟାଣ ସମିତି ସମ୍ପାଦକ ମାୟାଧର ପାତ୍ର, ତପନ ପାତ୍ର ପ୍ରମୁଖଙ୍କ ସହଯୋଗରେ ଆୟୋଜିତ ଏହି ଏକ ଦିବସୀୟ ମହାଯଜ୍ଞରେ ୯ନଂ ୱାର୍ଡ ସମେତ ସହରର ବିଭିନ୍ନ ୱାର୍ଡବାସୀ ସାମିଲ ହୋଇ ବିଶ୍ୱ ଶାନ୍ତି ଏବଂ ସହରବାସୀଙ୍କ ମଧ୍ୟରେ ସଦ୍‌ଭାବନା ପାଇଁ ଯଜ୍ଞ କୁଣ୍ଡରେ ଆହୂତି ଦେବା ସହ ପରମପୂଜ୍ୟ ଗୁରୁଦେବ ଏବଂ ମାତା ଭଗବତୀ ଦେବୀଙ୍କ ବିଚାରକୁ ଅନୁସରଣ ପୂର୍ବକ ଯୁଗ ପରିବର୍ତ୍ତନ ପାଇଁ ସମର୍ପିତ ହେବା ପାଇଁ ଆହ୍ୱାନ କରିଥିଲେ। ନିକଟସ୍ଥ ମା'ମଙ୍ଗଳ ମନ୍ଦିରରୁ ଏକ ମଙ୍ଗଳ କଳସ ଯାତ୍ରା ବାହାରି ଜଳପୂର୍ଣ୍ଣ କଳସ ବିଧିବିଧାନ ସହିତ ପୂଜା ଅର୍ଚ୍ଚନା ପରେ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲା। ଯଜ୍ଞ ମଣ୍ଡପରେ ବ୍ୟାସ ଆସନରେ ଅଧିଷ୍ଠିତ ବରିଷ୍ଠ ଗାୟତ୍ରୀ ସାଧକ ରବିନାରାୟଣ ଦାସ, ଚନ୍ଦ୍ର ଭାଇ ଏବଂ ସୋନୁ ଭାଇ ଦେବ ଆବାହନ, ଯଜ୍ଞ, ଯୁଗ ସଙ୍ଗୀତ, ଓ ପ୍ରବଚନ ମାଧ୍ୟମରେ ଗୁରୁଦେବଙ୍କ ବିଚାରକୁ ଲୋକଙ୍କ ପାଖରେ ପହଞ୍ଚାଇଥିଲେ। ଏହି ମହା ଯଜ୍ଞକୁ ସମ୍ପୂର୍ଣ୍ଣ କରିବାରେ ଯୋଡା ଗାୟତ୍ରୀ ପରିବାରର ସଦସ୍ୟ ଶୁକଦେବ ବେହେରା, ରାମ ମୁଣ୍ଡା, ସନାତନ ମୁଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟଙ୍କ ସହଯୋଗ ରହିଥିଲା।

## ଶିଶୁ ମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ



ଚମ୍ପୁଆ,୮।୧୨(ସମିସ): ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁଯାୟୀ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଗୌରଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଗିରିଜା ଶଙ୍କର କର, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ଉପସଭାପତି ସୁରେଶ ଚନ୍ଦ୍ର ମହାନ୍ତ, ସମ୍ପାଦକ ଭୋଳାନାଥ ମିଶ୍ର, କୋଷାଧ୍ୟକ୍ଷ ସଦାନନ୍ଦ ଦେହୁରୀ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଜେଜେବାପା ମାନଙ୍କ ମଧ୍ୟରେ ପୁରାଣ ଆଧାରିତ କୁଇଜ୍ ପ୍ରତିଯୋଗିତା ଓ ଜେଜେମାଆଙ୍କ ମଧ୍ୟରେ ସଂଗୀତ ଓ ଝୋଟି ପ୍ରତିଯୋଗିତା କରାଯାଇ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ଭାସ୍କର ଚନ୍ଦ୍ର ମହାକୁଡ଼ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଗୁରୁଜୀ ଗୁରୁମାଆ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସରପଞ୍ଚଙ୍କ ଦିଅରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଅଜ୍ଞାତବାସରେ ଅଭିଯୁକ୍ତ; ଟେର୍ ପାଉନି ପୁଲିସ

ରାମଚନ୍ଦ୍ରପୁର,୮ ।୧୨(ସମିସ)



କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପୁରୁଣାବାନ୍ଧଗୋଡା ପଞ୍ଚାୟତରେ ଅନୁଷ୍ଠିତ ପଲ୍ଲୀସଭାରେ ଫାଇଲ ଫିଙ୍ଗା ଓ ସ୍ଥାନୀୟ ସରପଞ୍ଚ ସୁଧାରାଣୀ ଧୀରଙ୍କ ଦିଅର ସୁଜିତ୍ କୁମାର ଧୀର ମାଡ଼ ଘଟଣାରେ ପୁଲିସ୍ ଏ ଯାଏ ମୁଖ୍ୟ ଅଭିଯୁକ୍ତ ପାଖରେ ପହଞ୍ଚି ପାରିନି। ପ୍ରଥମେ ପଲ୍ଲିସଭା ବେଳେ ବିପକ୍ଷ ଗୋଷ୍ଠୀ ଫାଇଲ୍ ଫିଙ୍ଗି ଦେଇଥିଲେ। ଏ ନେଇ ସରପଞ୍ଚ ରାମଚନ୍ଦ୍ରପୁର ଥାନାରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ଘଟଣାର ପରଦିନ ଅର୍ଥାତ୍ ଅକ୍ଟୋବର ୩ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସରପଞ୍ଚଙ୍କ ଦିଅରଙ୍କୁ ଗାଁ ଛକରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ସରପଞ୍ଚଙ୍କ ଦିଅର ସୁଜିତ ଧୀର ଗୁରୁତର ଆହାତ ହୋଇ ପ୍ରଥମେ ଆନନ୍ଦପୁର, ପରେ କଟକ ସ୍ଥାନାନ୍ତର ହୋଇଥିଲେ। ଅଭିଯୁକ୍ତ ମାନଙ୍କ ଆକ୍ରମଣରେ ସୁଜିତଙ୍କ ଦୁଇଗୋଡ ଏବଂ ଗୋଟିଏ ହାତ ଭାଙ୍ଗି ଯାଇଥିବା ବେଳେ ଶରୀର ଅନେକ ସ୍ଥାନରେ ଗଭିର କ୍ଷତ ସୃଷ୍ଟି ହୋଇଥିଲା। ଆକ୍ରମଣ ଘଟଣାରେ ସୁଜିତଙ୍କ ପତ୍ନୀ ରଶ୍ମୀରାଣୀ ଧୀର ରାମଚନ୍ଦ୍ରପୁର ଥାନାରେ ସେହି ଗ୍ରାମର ଭିମା ମାଝୀ, ଆଶୁତୋଷ ମାଝୀ ଏବଂ ଶ୍ରୀକାନ୍ତ ଜେନାଙ୍କ ନାମରେ ଏତଲା ଦାଏର କରିଥିଲେ। ଏତଲା ଆଧାରରେ ପୁଲିସ ୩୩୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହେଲେ ଉକ୍ତ ମାଡପିଟ୍ ଘଟଣାକୁ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ପୁଲିସ ତଦନ୍ତ ସାରି ହାତ ବାନ୍ଧି ବସିଛି। ସେପଟେ ଅଭିଯୁକ୍ତ ମାନଙ୍କ ପକ୍ଷରୁ ନଭେମ୍ବର ୧୧ ତାରିଖରେ ଉଚ୍ଚନ୍ୟାୟାଳୟରେ ଆଗୁଆ ଜାମିନ୍ ପାଇଁ ଅପିଲ୍ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଜାମିନ ଆବେଦନକୁ ଖାରଜ କରିବା ସହ ୨୧ ଦିନ ମଧ୍ୟରେ ତଳ କୋର୍ଟରେ ହାଜର ହେବାକୁ ପରାମର୍ଶ ଦେଇଥିଲେ। ହେଲେ ନ୍ୟାୟାଳୟଙ୍କ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ଅଭିଯୁକ୍ତମାନେ ତଳ କୋର୍ଟରେ ହାଜର ନହୋଇ ଅଜ୍ଞାତ ବାସରେ ରହିଛନ୍ତି। ଆକ୍ରମଣ ଘଟଣାରେ ଗୁରୁତର ସୁଜିତ ଦୁଇମାସ ହେଲା ଶଯ୍ୟାସାୟୀ ରହି ଜୀବନ ସହ ସଂଗ୍ରାମ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ସ୍ଥାନିୟ ପୁଲିସ ପ୍ରଶାସନ ଜାଣିଶୁଣି ଗିରଫ କରୁନଥିବା ସୁଜିତଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଉକ୍ତ ଆକ୍ରମଣ ଘଟଣାରେ ରାମଚନ୍ଦ୍ରପୁର ପୁଲିସର ଭୂମିକା ସନ୍ଦେହ ଘେରକୁ ଟାଣିଆଣିଛି।

# ବସ୍-ବାଇକ୍ ଧକ୍କାରେ ୨ ଗୁରୁତର



**ଚମ୍ପୁଆ,୮।୧୨(ସମିସ):** ଚମ୍ପୁଆ ନିକୋଲସନ ବନବିଦ୍ୟାଳୟ ନିକଟରେ ବସ୍ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଚମ୍ପୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ୨ ବାଇକ୍ ଆରୋହୀଙ୍କୁ ଉଦ୍ଧାର କରି ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ବସ୍ ଓ ବାଇକ୍‌କୁ ଚମ୍ପୁଆ ପୁଲିସ ଜବତ କରିଥିବା ଜଣାପଡିଛି। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାରୁ ଜଣାପଡିଛି ଯେ ଆଜି ଦିନ ପ୍ରାୟ ୧.୩୦ ମିନିଟ ସମୟରେ ଚମ୍ପୁଆରୁ ରାଇରଙ୍ଗପୁରକୁ ଯାଉଥିବା କିସାନ ନାମକ ଯାତ୍ରୀବାହୀ ବସ୍‌ର ବିପରୀତ ଦିଗରୁ ଆସୁଥିବା ଏକ ପାଇକ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ବସ୍‌ଟି ବାଇକ୍‌ଟିକୁ ୧୦୦ ଫୁଟ ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଆହତମାନେ ହେଲେ ଚମ୍ପୁଆ ଅଲ୍ଲୀନଗରର ଏମ୍‌ଡି ଫିରୋଜ (୪୫) ଓ ମୟୂରଭଞ୍ଜ ତିରିଂ ଥାନା ବିଁଝୁଆ ଗ୍ରାମର ଏମ୍‌ଡି ସାଦିକ ଦିଲଖୁସ (୩୭)। ଚମ୍ପୁଆ ପୁଲିସ ଘଟଣାର ତଦନ୍ତ କରୁଥିବା ଆଇଆଇସି ଅଭିନାଶ ପରିଡ଼ା ସୂଚନା ଦେଉଛନ୍ତି।

## ପୋଖରୀରେ ବୁଡ଼ି ଜଣେ ମୃତ

**ତୁରୁମୁଙ୍ଗା,୮।୧୨(ସମିସ):** ତୁରୁମୁଙ୍ଗା ଥାନା ଯମୁନାପଶି ଗାଁ ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ଯମୁନାପଶି ଗ୍ରାମର ବୁଦ୍ଧଦେବ ନାଏକ (୫୦)। ସେ ଶୌଚ ହେବାକୁ ପୋଖରୀକୁ ଯାଇଥିବା ସମୟରେ ଅସାବଧାନତା ଯୋଗୁଁ ଗୋଡ଼ ଖସି ଯାଇ ପୋଖରୀରେ ବୁଡି ଯାଇ ମୃତ୍ୟୁବରଣ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର ପରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ୩୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ବିରେନ୍ଦ୍ର କିଶୋର ବେହେରା ଘଟଣାର ତଦନ୍ତ କରୁଛନ୍ତି।

## ବନକାର୍ଯ୍ୟାଳୟରୁ ଚନ୍ଦନ ଗଛ ଚୋରି



**ତୁରୁମୁଙ୍ଗା,୮।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସୋସିଆଲ ଫରେଷ୍ଟ କାର୍ଯ୍ୟାଳୟ ପରିସରରେ ଥିବା ଏକ ଚନ୍ଦନ ଗଛକୁ ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଚୋରି କରି ନେଇଛନ୍ତି। କାର୍ଯ୍ୟାଳୟ ପରିସରର କ୍ୱାଟର ଭିତରେ ଶୋଇଥିବା ପାରା ଷ୍ଟାଫ କର୍ମଚାରୀଙ୍କୁ ପ୍ରଥମେ ବାହାର ପଟରୁ ତାଲା ପକାଇଦେବା ପରେ ଦୁର୍ବୃତ୍ତମାନେ ଗଛକୁ କାଟି ନେଇଛନ୍ତି। ଘଟଣା ଜଣାପଡିବା ପରେ ପାରାଷ୍ଟାଫ୍ ବନ କର୍ମଚାରୀଙ୍କୁ ଫୋନରେ ଜଣାଇଥିଲେ। ବନ କର୍ମଚାରୀ ପହଞ୍ଚିବା ପୂର୍ବରୁ ଦୁର୍ବୃତ୍ତ ମାନେ ଗଛ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଥିଲେ। ଏନେଇ ବନବିଭାଗ ପକ୍ଷରୁ ମାମଲା ରୁଜୁ ହୋଇଥିବା ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର ସୂଚନା ଦେଇଛନ୍ତି।

## ଚୋରି ଉଦ୍ୟମ ବେଳେ ୩ ଯୁବକ ଗିରଫ

**ରାମଚନ୍ଦ୍ରପୁର,୮।୧୨(ସମିସ):** ରାମଚନ୍ଦ୍ରପୁର ଥାନା ପୁଲିସ ଗତକାଲି ବିଳମ୍ବିତ ରାତ୍ରୀରେ ପାଟ୍ରୋଲିଂ କରୁଥିବା ସମୟରେ ସୁଆଁପଦା ହାଟପିଣ୍ଡି ନିକଟରେ କିଛି ଅସାମାଜିକ ଯୁବକ ହଲଚଲ୍ ହେଉଥିବା ଦେଖିବାକୁ ମିଳିଥିଲା। ତତ୍‌କ୍ଷଣାତ୍ ସେମାନଙ୍କ ନିକଟକୁ ପେଟ୍ରୋଲିଂ ଗାଡି ନେବା ବେଳେ ଯୁବକ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିବାକୁ ଉଦ୍ୟମ ହେଉଥିବା ବେଳେ ଏସଆଇ ଶାନ୍ତନୁ ଜେନା, ଏବଂ ସୁରେଶ ମାଝୀ ମିଶି ୩ଜଣ ଯୁବକଙ୍କୁ କାବୁ କରି ନେଇଥିଲେ। ସେମାନଙ୍କ ନିକଟରୁ ଗୋଟିଏ



ସଟର କଟା ଲୁହା କଟର ଏବଂ ଦୁଇଟି ଶାବଳ ଜବତ କରାଯାଇଥିଲା। ଥାନାକୁ ଆଣି ଅଧିକ ପଚାରା ଉଚାରା ପରେ ୩ଜଣ ଯାକ ଏଟିଏମ୍ ଲୁଟ ପାଇଁ ସଜବାଜ ହେଉଥିବା ପ୍ରକାଶ କରିଥିଲେ। ଅଭିଯୁକ୍ତ ତିନି ଯୁବକ ପଡୋଶି ଯାଜପୁରରୋଡ ଥାନା ମୁଳାସାର ଗ୍ରାମର ବିନୋଦ ଯେନାଙ୍କ ପୁଅ ଶିବ ଯେନା(୩୩), କୃଷ୍ଣ ଯେନାଙ୍କ ପୁଅ ପ୍ରଦ୍ୟୁମ୍ନ କୁମାର ଯେନା(୨୨) ଏବଂ ମଦନ ପେରେଇଙ୍କ ପୁଅ ଅର୍ଜୁନ ପେରେଇ ବୋଲି ଜଣାପଡିଛି। ସମସ୍ତ ଅଭିଯୁକ୍ତଙ୍କ ନାମରେ ୩୮ ୯/୨୪ରେ ଏକ ଚୋରି ମାମଲା ରୁଜୁ କରିବା ପରେ ରାମଚନ୍ଦ୍ରପୁର ପୁଲିସ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି।

# ପାଚିଲା ଧାନ ବିଲରେ ପଶିଲା ପାଣି

**ସୋସୋ, ୮।୧୨(ସମିସ)**



ହାଟଡିହି ବ୍ଲକର ବିଦ୍ୟାଧରପୁର ଶାଳନ୍ଦୀ ବ୍ୟାରେଜରୁ ଆନନ୍ଦପୁର ମୁଖ୍ୟ କେନାଲରେ ପାଣି ଛଡାଯିବାରୁ କେନାଲରେ ଥିବା ଆଉଟଲେଟରେ ପାଣି ଯାଇ ପାଚିଲା ଧାନ ବିଲରେ ପଶିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ଚିନ୍ତାରେ ପଡିଯାଇଛନ୍ତି। ଏବେ ଧାନ ବିଲରେ ପାଚି ଯାଇଥିବା ବେଳେ ବିଲ ଶୁଖିଲେ ଧାନ କାଟିବାକୁ ଚାଷୀ ଯୋଜନା କରୁଛନ୍ତି। ଏ ସମୟରେ ସାଳନ୍ଦୀ ବିଦ୍ୟାଧରପୁର ବ୍ୟାରେଜରୁ ପାଣି ଯାଇ ପଦାଡୋ ହେଡ ରେଗୁଲେଟର ପାଖରେ ଜମା ହୋଇରହିଥିଲା। ଫଳରେ ପାଣି ଜମ୍ବିରା, ପଦାଡୋ ଓ ସଡା ପଞ୍ଚାୟତର ବହୁ ଚାଷ ଜମିକୁ ଆଉଟଲେଟରେ ପାଣି ବାହାରି ଚାଷ ଜମିକୁ ପସିଥିଲା। ଏହାକୁ ନେଇ ଆଜି ସକାଳୁ ବିଲରେ ପାଣି ପଶିଥିବାର ଦେଖି ଅସନ୍ତୋଷ ପ୍ରକାଶ କରିବା ସହିତ ଚାଷୀମାନେ ଏକଜୁଟ ହୋଇ ବିଭାଗୀୟ ଅଧିକାରୀଙ୍କୁ ଫୋନ୍ କରି ପାଣି ବନ୍ଦ କରିବାକୁ କହିଥିଲେ। ତେବେ ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନ ପ୍ରକାଶ ପାଇଥିବା ବେଳେ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଆସିନଥିଲେ। ବହୁ ବିଳମ୍ବରେ ପାଣିକୁ ବନ୍ଦ କରାଯାଇଥିଲା। ଗଚ୍ଛିତ ପାଣିକୁ ବନ୍ତ ଶାଖା କେନାଲରେ ଛଡାଯିବା ପରେ ଚାଷୀମାନେ ଶାନ୍ତ ହୋଇଥିଲେ। ପୁନର୍ବାର ପାଣି ନଛାଡିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଜଳସେଚନ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ବି କୌଣସୀ ସମ୍ପର୍କ ହୋଇପାରିନଥିଲା।

## ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ପ୍ରସ୍ତୁତି

**ଚମ୍ପୁଆ,୮।୧୨(ସମିସ):** ଚମ୍ପୁଆ ମହତାବ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଆସନ୍ତା ୧୯ ଓ ୨୦ତାରିଖ ଦୁଇ ଦିନ ଧରି ପାଳନ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ଦିନ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥ ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରମୁଖ ଯୋଗ ଦେଉଛନ୍ତି। ହୀରକ ଜୟନ୍ତୀ କମିଟି ସଭାପତି ଗଙ୍ଗାଧର କର, ଉପସଭାପତି ପ୍ରିୟନାଥ ପତି, ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ, ଯୁଗ୍ମ ସମ୍ପାଦକ ଅରୁଣ କୁମାର ପତି, କୋଷାଧ୍ୟକ୍ଷ ତରୁଣ କୁମାର ସାହୁ, ଯୁଗ୍ମ କୋଷାଧ୍ୟକ୍ଷ ଅଭୟ କୁମାର ଦାସ ପ୍ରମୁଖ ସୂଚନା ଦେଇଛନ୍ତି।

ଖଣି ଅଧିକାରୀଙ୍କୁ ଆକ୍ରମଣ ଘଟଣା

# ୮ ଦିନ ପରେ ବି ଫେରାର ଅଭିଯୁକ୍ତ ଧରାପଡୁନାହାନ୍ତି

**ସୋସୋ, ୮।୧୨(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡର ବାଲି ମାଫିଆ ସଙ୍ଘବଦ୍ଧ ହୋଇ ଖଣି ବିଭାଗର କନିଷ୍ଠ ଅଧିକାରୀଙ୍କୁ ଗତ ୧ ତାରିଖରେ ଆକ୍ରମଣ କରିବା ସହିତ ତାଙ୍କ ଗାଡିକୁ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବେଳେ ପୁଲିସ ୬ଜଣଙ୍କୁ ଗିରଫ କରି ପ୍ରେସମିଟ୍ କରି ବାହାବାହା ନେଇଥିଲା। ଅନ୍ୟ ଅଭିଯୁକ୍ତ ଓ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରିବ ବୋଲି ଆଶା କରାଯାଇଥିଲା। ଏହାକୁ ନେଇ ଘସିପୁରା ପୁଲିସ ୪୨୩/୨୦୨୪ରେ ମକଦ୍ଦମା ରୁଜୁକରି ବିଭିନ୍ନ ଦଫା ଲଗାଇଥିଲା। ଗିରଫ ୬ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ହାଟଡିହି ବ୍ଲକର ୩ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। କିନ୍ତୁ ଏହି ବ୍ଲକରୁ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ବେଳେ ଏହି ଆକ୍ରମଣ ଘଟଣାରେ ୧୨ରୁ ୧୪ ଜଣ ସାମିଲ ଥିବା ସୂଚନା ଦିଆଯାଇଛି। କିନ୍ତୁ ୭ ଦିନ ବିତିଯାଇଥିଲେ ବି ଫେରାର ଥିବା ଅଭିଯୁକ୍ତମାନଙ୍କୁ ପୁଲିସ ଧରିବାରେ ବିଫଳ ହୋଇଛି। ଯଦି ପୁଲିସ ଏଭଳି ସମ୍ବେଦନଶୀଳ ଘଟଣାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ଫେଲ୍ ମାରିବେ ତେବେ ମାଫିଆ ଓ ଦୁର୍ବୃତ୍ତମାନଙ୍କର ମନବଳ ବୃଦ୍ଧିପାଇ ବେଆଇନ କାର୍ଯ୍ୟକଳାପ କରିବାରେ ସାହାସ ଯୁଟାଇବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବେ। ଅନ୍ୟପକ୍ଷରେ ସରକାରୀ କର୍ମଚାରୀ ନିଜକୁ ସୁରକ୍ଷିତ ମଣିବେ ନାହିଁ। ଏଥିପ୍ରତି ଜିଲ୍ଲା ପୁଲିସ ସମୀକ୍ଷା କରିବା ସହିତ ଅନ୍ୟ ଅଭିଯୁକ୍ତଙ୍କୁ ନ ଧରିଲେ ଆଗାମୀ ଦିନରେ ଆଇନଶୃଙ୍ଖଳା ପରିସ୍ଥିତି ଉପଖଣ୍ଡ ସ୍ତରରେ ସୃଷ୍ଟିହେବା ନେଇ ଆଶଙ୍କା କରାଯାଉଛି। ଘସିପୁରା ଥାନା ଅଧିକାରୀ ରମାକାନ୍ତ ସାଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ଅନ୍ୟ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବାକୁ ନେଟୱାର୍କ କରାଯାଉଛି ବୋଲି କହିଥିଲେ।

## ଶାଳବଣିରେ ମେଗା ସ୍ୱାସ୍ଥ୍ୟ ଶିବିର



**ହାଟଡିହୀ,୮।୧୨(ସମିସ):** ରାଧାଗୋବିନ୍ଦ ଫାଉଣ୍ଡେସନ ତରଫରୁ ହାଇଟେକ୍ ହସ୍ପିଟାଲ ଭୁବନେଶ୍ୱର ଏବଂ ଜେପିଏମ୍ ରୋଟାରୀ କଟକ ସହାୟତାରେ ହାବେଳଶ୍ୱର ପଞ୍ଚାୟତ ଶାଳବଣି ଗ୍ରାମର ରାଧାଗୋବିନ୍ଦ ମନ୍ଦିର ପ୍ରାଙ୍ଗଣରେ ମେଗା ସ୍ୱାସ୍ଥ୍ୟ ଶିବିର ଏବଂ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ପଞ୍ଚାନନ ମହାନ୍ତିଙ୍କ ନେତୃତ୍ୱରେ ଚିତ୍ତରଞ୍ଜନ ମଲ୍ଲିକ୍, ରାଜକିଶୋର ସ୍ୱାଇଁ, ଅରୂପ ରାଉତ, ପଙ୍କଜ ବେହେରା, ସୁଶାନ୍ତ ଜେନା, ରାଜକିଶୋର ପରିଡ଼ା, ଚନ୍ଦ୍ରକାନ୍ତ ପରିଡ଼ା, ସ୍ୱର୍ଣ୍ଣପ୍ରକାଶ ମିଶ୍ର, ଦେବାଶିଷ ନାୟକ, ସୌରିରଞ୍ଜନ ମହାନ୍ତି, ସ୍ମୃତିରଞ୍ଜନ ରାଉତ, ମନୋଜ ମଲିକ, ପ୍ରତାପ ଦାସ, ଅନିଲ୍ ସେଠୀ, ଆକାଶ ବେହେରା, ସତ୍ୟବାନ୍ ମାଝୀ, ଜିତେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳିନା କରିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳର ୬ଶହରୁ ଊର୍ଦ୍ଧ୍ୱ ରୋଗୀ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ନେଇଥିଲେ। ସେହିପରି ୨୦ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କଟକ ଜେପିଏମ୍ ରୋଟାରୀକୁ ସ୍ଥାନାନ୍ତରିତ କରାଯାଇଛି। ଦୂରଦୂରାନ୍ତରୁ ଆସିଥିବା ରୋଗୀମାନଙ୍କୁ ଖାଇବା ପିଇବାର ମଧ ବନ୍ଦୋବସ୍ତ ମଧ୍ୟ କରାଯାଇଥିଲା। ହାଇଟେକ୍ ହସ୍ପିଟାଲର ଡାକ୍ତର ଶ୍ରୀମିତ୍ ମହାନ୍ତି, ଡାକ୍ତର ଧର୍ମେନ୍ଦ୍ର ମାଝୀ, ଡାକ୍ତର ସାଇପ୍ରଜ୍ଞା ଦାସ, ବିଶ୍ୱ ବିକାଶ ରାଉତରାୟ, ପ୍ରିୟଙ୍କା ମହାନ୍ତି, ସିଦ୍ଧାର୍ଥ ରାଉତ ପ୍ରମୁଖ ଡାକ୍ତରମାନେ ରୋଗୀମାନଙ୍କୁ ଚିକିତ୍ସା କରିବା ସହିତ ମାଗଣା ଔଷଧ ବଣ୍ଟନ କରାଯାଇଥିଲା।

## ଓରାଳି ହାଇସ୍କୁଲ ବନ୍ଧୁ ମିଳନ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ସୋସୋ, ୮।୧୨(ସମିସ):** ହାଟଡିହି ବ୍ଲକର ଓରାଳି ହାଇସ୍କୁଲର ୨୦୦୯ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଗୁରୁ ପୂଜନ କରିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତପ୍ରଧାନଶିକ୍ଷକବଟକୃଷ୍ଣବେହେରା, ବାଇଧରବେହେରା, ନାରାୟଣ ନାୟକ, ସୁଦର୍ଶନ ସେଠୀ, ବିଦ୍ୟୁତଲତା ଦାସ, ବିନୋଦ ରାଉତ, ପ୍ରଶାନ୍ତ ଜେନା ଉପସ୍ଥିତ ରହିଥିଲେ। ପ୍ରଥମେ ଛାତ୍ରଛାତ୍ରୀ ଉପସ୍ଥିତ ଗୁରୁମାନଙ୍କୁ ପୂଜା କରିବା ପରେ ପରିଚୟ ଆଦାନ ପ୍ରଦାନ କରାଯାଇଥିଲା। କିଏ କେଉଁଭଳି କେଉଁଠି ଅଛନ୍ତି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ସୁସମ୍ପର୍କ ଓ ବର୍ତ୍ତମାନର ଶିକ୍ଷା ପଦ୍ଧତି ସମ୍ପର୍କରେ ଶିକ୍ଷକମାନେ ମତବ୍ୟକ୍ତ କରିବା ସହିତ ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କାମନା କରିଥିଲେ। ପୁରାତନ ଛାତ୍ରଛାତ୍ରୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପୁରାତନ ଛାତ୍ରୀ ବିଶ୍ୱଜିତା ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବାବୁଲା ଜେନା, ଚିନ୍ତାମଣି ରଣା, ମାନସ ସେଠୀ, ପ୍ରଜ୍ଞାପରମିତା ଜେନା, ଆନନ୍ଦ ମହାନ୍ତି, ଗାୟତ୍ରୀ ମହାପାତ୍ର, ସୁଚରିତା ନାୟକ, ପ୍ରିୟଙ୍କା ଜେନା, ମିହିର ରାଉତ, ଅରବିନ୍ଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଡ଼ଙ୍ଗ ହାଇସ୍କୁଲରେ ଜୁମ୍ବୋ ଫନ୍ କ୍ୟାମ୍ପ୍




**ସୋସୋ, ୮।୧୨(ସମିସ):** ହାଟଡିହି ବ୍ଲକ ରାମବିକ୍ରମ ସରକାରୀ ସଡ଼ଙ୍ଗ ହାଇସ୍କୁଲରେ ଟିବିଡବ୍ଲ୍ୟୁ ପକ୍ଷରୁ ଜୁମ୍ବୋ ଫନ୍ କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ମଲ୍ଲିକଙ୍କ ସଭାପତିତ୍ୱରେ ରବିନ୍ଦ୍ର କୁମାର ନାଥ, ଭଗବାନ ସେଠୀ, ଲୋକନାଥ ଦାସ, ଆଲୋକ କୁମାର ଦାସ, ପ୍ରସନ୍ନ କୁମାର ସାହୁ, ମଧୁସ୍ମିତା ପହି, ରତିକାନ୍ତ ପଣ୍ଡା, ପୂଜାସ୍ମିତା ଜେନା, ଅର୍ଚ୍ଚନା ପରିଡା, ସ୍ୱର୍ଣ୍ଣମଞ୍ଜରୀ ସା, ଜଗବନ୍ଧୁ ପଡିଆରୀ, ପ୍ରକାଶ କୁମାର ଦାସ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏମ୍‌ସିକ୍ୟୁ ଟେଷ୍ଟ, ଡ୍ରଇଁ, ରଚନା ଲିଖନ ଓ ସଡକ ସୁରକ୍ଷା ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସମୟରେ ଟିବିଡବ୍ଲ୍ୟୁର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ଦୁର୍ଘଟଣା ଘଟାଇ ଖସି ପଳାଉଥିବା ଟ୍ରକ୍ ଜବତ



**ତୁରୁମୁଙ୍ଗା,୮।୧୨(ସମିସ):** କରଞ୍ଜିଆରୁ ପାଟଣା ଢେଙ୍କିକୋଟ ରାସ୍ତାର ୨୨୦ ନମ୍ବର ଜାତୀୟ ରାଜପଥ ରାଞ୍ଚି-ବିଜୟ ୱାଡାରାସ୍ତାରେ ରବିବାର ଆସୁଥିବା ଏକ ୧୦ଚକିଆ ଟ୍ରକ୍ ୨ଟି ପୃଥକ ଦୁର୍ଘଟଣା ଘଟାଇ ଦ୍ରୁତଗତିରେ ପଳାଉଥିବା ବେଳେ ପାଟଣା ପୁଲିସ ପାଟଣା ବାଇପାସ ନିକଟରେ ଟ୍ରକ୍‌କୁ ଅଟକାଇ କରଞ୍ଜିଆ ଥାନା ପୁଲିସକୁ ଜିମା ଦେଇଛି। ଡ୍ରାଇଭର ଜଣକ ଅତ୍ୟଧିକ ମଦ୍ୟ ପାନ କରି ଦୁର୍ଘଟଣା ଘଟାଇଥିବା ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର କହିଛନ୍ତି। ସୂଚନା ଯେ ଉକ୍ତ ଟ୍ରକଟି କରଞ୍ଜିଆ ଗୋଲେଇ ଛକରେ ଏକ ବସ୍‌କୁ ଧକ୍କା ଦେବା ପରେ ସାହରପଡାରେ ଏକ କାର୍‌କୁ ଧକ୍କା ଦେଇଥିଲା।

## ଆନନ୍ଦପୁର କଲେଜ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ଆନନ୍ଦପୁର,୮।୧୨(ସମିସ):** ଆନନ୍ଦପୁର ମୁକ୍ତିତୀର୍ଥ ଆନନ୍ଦଧାମର ପଞ୍ଚମୁଖି ହନୁମାନ ମନ୍ଦିର ପରିସରରେ ଆନନ୍ଦପୁର କଲେଜ ପୁରାତନ ଛାତ୍ର ନେତାମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରନେତା ଦେବରଞ୍ଜନ ସାହୁଙ୍କ ଆବାହକତ୍ୱରେ ଆନନ୍ଦପୁର କଲେଜ ଛାତ୍ର ସଂସଦର ପୂର୍ବତନ ସଭାପତି ବିଚିତ୍ର କୁମାର ଚକ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରସାଂସଦର ପୂର୍ବତନ ସଭାପତି ଭଗବାନ ସାହୁ ଯୋଗଦେଇ କଲେଜ ହୀରକ ଜୟନ୍ତୀରେ ରାଷ୍ଟ୍ରପତିଙ୍କୁ ଅତିଥି କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ କଲେଜର ପ୍ରାକ୍ତନ ସଭାପତି ସମ୍ପାଦକଙ୍କ ସମେତ ଛାତ୍ରନେତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ବ ସଭାପତି ସଞ୍ଜୟ ରାଉତଙ୍କ ପରଲୋକ ହୋଇଥିବାରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ୨ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରନେତା ସନତ କୁମାର କର, ରମାକାନ୍ତ ମାଝୀ, ଅନୁପ କୁମାର ସାହୁ, ପ୍ରମୋଦ କୁମାର ମଲ୍ଲିକ, ଜ୍ଞାନରଞ୍ଜନ ମହାପାତ୍ର, ରାଧେଶ୍ୟାମ ରଣା, ସୁଶାନ୍ତ ପତି, ମନୋଜ ପାଢ଼ୀ, ବିକ୍ରମ କେଶରୀ ବେହେରା, ରାମଚନ୍ଦ୍ର ପାତ୍ର, ସୁଧାକର ରାଉତ, ଉମେଶ ପାଢ଼ୀ, କୃଷ୍ଣଚନ୍ଦ୍ର ରଣା ନିତ୍ୟାନନ୍ଦ ସାମଲ, ଅନନ୍ତ ଚରଣ ସାହୁ, ରବି ନାରାୟଣ ହୋତା, ସାମ୍ବାଦିକ ଦୀପକ ମହାରଣା, ଅଜୟ କୁମାର ହୋତା, ସୁରେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାକ୍ତନ ଛାତ୍ର ନେତା ଲଲାଟେନ୍ଦୁ ଧିର ଧନ୍ୟବାଦ୍ ଅର୍ପଣ କରିଥିଲେ।

ମା' ଖିଲାରିପାଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ମହାଦେଇ ଯୋଡ଼ା ଇଲେଭେନ୍ ଚାମ୍ପିଅନ୍



**ତୁରୁମୁଙ୍ଗା,୮।୧୨(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ଖେଳପଡ଼ିଆରେ ଚାଲିଥିବା ମା' ଖିଲାରିପାଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ମହାଦେଇଯୋଡ଼ା ଏବଂ କୁଳିପଶି ମଧ୍ୟରେ ଖେଳା ଯାଇଥିଲା। ପ୍ରଥମେ ଟସ୍ ଜିତି ମହାଦେଇ ଯୋଡ଼ା ନିର୍ଦ୍ଧାରିତ ୧୦ ଓଭରରେ ୭ ୱିକେଟ ହରାଇ ୬୯ଟି ରନ୍ ସଂଗ୍ରହ କରିଥିଲା। କୁଳିପଶି ୧୦ ଓଭରରେ ୬ ୱିକେଟ ହରାଇ ୫୨ ରନ୍ ସଂଗ୍ରହ କରି ୧୭ ରନରେ ପରାଜୟ ହୋଇଥିଲା। ଫାଇନାଲ ମ୍ୟାଚ୍‌କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିବା ସହ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ କମଳାକାନ୍ତ ଦାଶ୍ ଓ ବୁଟୁ ନାଏକ ଯୋଗ ଦେଇଥିଲେ। ଅମ୍ପେୟାର ଭାବରେ ବାପି ନାଏକ ଓ ପିପୁନ ସେଠୀ ଖେଳ ପରିଚାଳନା କରିଥିବା ବେଳେ ରାମ ପାତ୍ର ଓଡ଼ିଆରେ ଧାରା ବିବରଣୀ ପ୍ରଦାନ କରିଥିଲେ। ମା' ଖିଲାରୀ ପାଟ ଯୁଥ୍ କ୍ଲବର ସଭାପତି ସୁଶାନ୍ତ ସିଂହ, ସମ୍ପାଦକ ସୁଶାନ୍ତ ପାତ୍ର କମିଟିର ସଦସ୍ୟ, ଟିମା ପାତ୍ର, ସମ୍ବିତ ନାଏକ, ସୁଧୀର ପାତ୍ର, ମାନସ ସେଠୀ, ସାନ୍ତୁନୁ ସେଠୀ, କାଳିଆ ପାତ୍ର, ମୁନା ସେଠୀ, ଚନ୍ଦନ ସେଠୀ, ମୁନା ପାତ୍ର, ବନି ସେଠୀ, ପବନ ନାଏକ, ରହିତ ନାଏକ, ନାନୁ ପାତ୍ର, ରକି ସେଠୀ, କୀର୍ତ୍ତନ ନାଏକ, ଚନ୍ଦନ ନାଏକ, ସିପୁନ ନାଏକ, ପ୍ରଦୀପ ନାଏକ, କୁଳ ସେଠୀ, ରୀଙ୍କୁ ସେଠୀ, ଚନ୍ଦନ ସେଠୀ, ଦେବାଶିଷ ସେଠୀ, ନୀଳକଣ୍ଠ ସେଠୀ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଗଡ଼ବାନ୍ଧୋଗଡ଼ାରେ ଶତାୟୁଙ୍କ ପରଲୋକ

**ଆନନ୍ଦପୁର,୮।୧୨(ସମିସ):** କଲ୍ୟାଣୀ ବିଦ୍ୟାପୀଠର ପ୍ରତିଷ୍ଠାତା ସଂପାଦକ ତଥା ଘସିପୁରା ବ୍ଲକ ଗଡବାନ୍ଧୋଗଡା ଗ୍ରାମର ପୂର୍ବତନ ନାଏବ ସରପଂଚ ଦିଗମ୍ବର ଚକ୍ର (୧୦୩)ଙ୍କ ପରଲୋକ ହୋଇଯାଇଛି। ସେ ଗତ କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଖବର ପାଇ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଗଡବାନ୍ଧୋଗଡା ସ୍ଥିତ ବାସଭବନରେ ଉପସ୍ଥିତ ହୋଇ ଶେଷ ଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସଞ୍ଜୟ ବସନ୍ତ ଚକ୍ର, ଆଇନଜୀବି ବିଚିତ୍ର କୁମାର ଚକ୍ର, ଉଦ୍ୟୋଗୀ ସୌମ୍ୟ ଶଙ୍କର ଚକ୍ର,ପୂର୍ବତନ ଫୌଜୀ ଅଭିମନ୍ୟୁ ଜେନା, ପ୍ରାକ୍ତନ ଯବାନ୍ କାର୍ତ୍ତିକ ଚକ୍ର, ଘସିପୁରାର ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର, ସମାଜସେବୀ ପ୍ରଶାନ୍ତ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ଥାନୀୟ ଶ୍ମଶାନ ଘାଟରେ ସ୍ୱର୍ଗତ ଚକ୍ରଙ୍କ ଶେଷ କୃତ୍ୟ ସଂପନ୍ନ କରାଯାଇଥିବା ବେଳେ ବଡ ପୁଅ ଆନନ୍ଦ ଚନ୍ଦ୍ର ମୁଖାଗ୍ନି ଦେଇଥିଲେ।

